## ସଂକ୍ଷେପରେ

### ଖବରଦାତାଙ୍କୁ ଥାନା ଅଧିକାରୀଙ୍କ ଧମକ

**ଛତିଆ,୧୫।୪(ସୌମ୍ୟ ରଞ୍ଜନ ସାହୁ) :** ବଡ଼ଚଣା ବ୍ଲକ୍ ଅଧୀନ ବୈରୀ ଥାନା ଅଞ୍ଚଳରେ ଅପରାଧିକ କାର୍ଯ୍ୟକଳାପ ଦିନକୁ ଦିନ ବୃଦ୍ଧି ପାଇଛି । ଏ ସଂକ୍ରାନ୍ତରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଥାନା ଅଧିକାରୀଙ୍କ ରାଗ ବଢ଼ିଛି। ସେ ଖବରଦାତାମାନଙ୍କୁ ଧମକ ଦେବାକୁ ପଛାଇ ନାହାନ୍ତି । ସୋମବାର ମହାବିଷୁବ ସଂକ୍ରାନ୍ତି ଅବସରରେ ଥାନା ଅଧିକାରୀ ଶରତ କୁମାର ନାୟକ ଅନ୍ୟ କର୍ମଚାରୀମାନଙ୍କ ସହିତ ବୁଲୁଥିଲେ । ଏହି ସମୟରେ ଖବରଦାତାମାନଙ୍କୁ ଦେଖି ଲୋକମାନଙ୍କ ସାମ୍ନାରେ ତୁମମାନଙ୍କ କଲମରୁ କାଳି ସରିଯିବ । ମୋର କେହି କିଛି କରିପାରିବ ନାହିଁ। ମୋ ବିରୋଧରେ ଯେତେ ଲେଖୁଛ ଲେଖ ବୋଲି କହିଥିଲେ। ଏହାକୁ ଛତିଆ ଅଞ୍ଚଳର ଖବରଦାତାମାନେ ଦୃଢ଼ ନିନ୍ଦା କରିଛନ୍ତି।

### ୩ ବରିଷ୍ଠ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

**ବିଞ୍ଝାରପୁର,୧୫।୪(ରାମକୃଷ୍ଣ ଦାସ):** ବିଞ୍ଝାରପୁର ବ୍ଲକ ଗୁହାଳି ପଞ୍ଚାୟତ ଏଜିଆଇ ହାଇସ୍କୁଲର ୩ ବରିଷ୍ଠ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି । ସ୍କୁଲର ହିନ୍ଦୀ ଶିକ୍ଷକ ଶରତ ଚନ୍ଦ୍ର ପରିଡ଼ା , ଶିକ୍ଷାକର୍ମୀ ପ୍ରଫୁଲ୍ଲ ଜେନା ଏବଂ ଲଳିତ କୁମାର ମିଶ୍ରଙ୍କୁ ଏହି ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଅବସରରେ ବିଦ୍ୟାଳୟ ପରିସରରେ ଶିକ୍ଷାବିତ୍ ବାମନ ଚରଣ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ନନ୍ଦ, ସାମାଜିକ କର୍ମୀ ରବିନ୍ଦ୍ର ପରିଡ଼ା, ସ୍ମୃତି ରଞ୍ଜନ ସାହୁ, ଶିକ୍ଷକ ନେତା ପିତାମ୍ବର ସ୍ୱାଇଁ, ଓଷ୍ଟାର ସଭାପତି ଓ ସମ୍ପାଦକଙ୍କ ସମେତ ବହୁ ପୁରାତନ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ,ଶିକ୍ଷକ ଓ ଅଭିଭାବକମାନେ ଯୋଗ ଦେଇଥିଲେ ।

### ବେଆଇନ ମଦ କାରବାର ବଢୁଛି ଜିଲାପାଳ,ଏସ୍‌ପିଙ୍କୁ ଭେଟିବେ ଗ୍ରାମବାସୀ

**କାଳିଆପାଣି,୧୫।୪(ଅସିତ ମହାନ୍ତ):** କମର୍ଦ୍ଦଆ ମୁଣ୍ଡା ସାହିରେ ବେଆଇନ ମଦ ବିକ୍ରିକୁ ବିରୋଧ କରି ଗ୍ରାମବାସୀ ଗତ ୧୧ ତାରିଖରେ ଥାନାରେ ଅଭିଯୋଗ କରିଥିଲେ । ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା । ଏହାର ପ୍ରତିବାଦରେ ମଙ୍ଗଳବାର ଗ୍ରାମବାସୀ କାଳିଆପାଣି ଥାନା ଅଧିକାରୀ ଭେଟି ମଦ ବିକ୍ରି ବନ୍ଦ କରିବାକୁ ଅନୁରୋଧ କରିଥିଲେ । ହେଲେ ଥାନାର ଅଧିକାରୀ ଛୁଟିରେ ଥିବାରୁ ଥାନା ସବ୍‌ଇନ୍ସପେକ୍ଟରଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ । ସେ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ଯଦି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ତେବେ ଜିଲାପାଳ ଓ ଏସ୍‌ପିଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କରିବେ ବୋଲି ଗ୍ରାମବାସୀ କହିଛନ୍ତି। ଅନ୍ୟପକ୍ଷେ ମଦ ବ୍ୟବସାୟୀମାନେ ପୋଲିସକୁ ମାସିକିଆ ବଟି ଦେଉଥିବାରୁ କୌଣସି ଅଭିଯୋଗ କାମ କରିବ ନାହିଁ ବୋଲି କହି ବୁଲୁଛନ୍ତି। ଏପରି ସ୍ଥିତିରେ ସାରୁଆବିଲ ଓ କମର୍ଦ୍ଦା ଖଣି ପଛ ପାଖ ମୁଣ୍ଡା ସାହିରେ ଏକ ଦମ୍ପତି ମଦ ବିକ୍ରୀ କରୁଥିବା ଭିଡିଓର ପ୍ରମାଣ ସହିତ ଅଭିଯୋଗ ପତ୍ରରେ ଦର୍ଶାଯାଇଛି । ଏହା ପରେ ବି ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ବୋଲି ଅଭିଯୋଗ ହୋଇଛି।

# ପୋଲ ଭାଙ୍ଗି ବସିରହିଛି ଠିକାସଂସ୍ଥା

## ଯାଜପୁର ନୂତନ ଜେଲକୁ ରାସ୍ତା ନିର୍ମାଣ କାର୍ଯ୍ୟ

**ଯାଜପୁର,୧୫।୪(ହର୍ଷବର୍ଦ୍ଧନ ବେହେରା):** ସୁଦୃଢ଼ ରାସ୍ତା ନିର୍ମାଣ ଓ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ରାସ୍ତା ଓ କୋଠାବାଡ଼ି (ଆର୍ ଆଣ୍ଡ୍ ବି) ତଥା ପୂର୍ତ୍ତ ବିଭାଗ ଉପରେ ରାଜ୍ୟ ସରକାରଙ୍କ ଅଧିକ ବିଶ୍ୱାସ ରହିଛି। ତଦନୁସାରେ ଏହି ବିଭାଗକୁ ସରକାର ଅନୁଦାନ ଦେଇଥାନ୍ତି। ବଡ଼ବଡ଼ ପ୍ରକଳ୍ପ ଏହି ବିଭାଗ ଦ୍ୱାରା ସମ୍ପାଦିତ ହୋଇଥାଏ। କିନ୍ତୁ ଯାଜପୁର ଜିଲାର ପାଣିକୋଇଲି ପୂର୍ତ୍ତ ଡିଭିଜନରେ ବିକାଶ ବଦଳରେ ଅଧିକ ଅନିୟମିତତା ଏବଂ ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାରେ ଅବହେଳା ହେଉଥିବା ଅଭିଯୋଗ ହୋଇଆସୁଛି। ଏହାର ଉଦାହରଣ ଯାଜପୁର ବ୍ଲକ୍ ଅଧୀନ ଏରବାଙ୍କ ପଞ୍ଚାୟତର ଛତରିଆ ପଡ଼ିଆଠାରେ ଜିଲାର ନୂତନ ଜେଲକୁ ରାସ୍ତା ନିର୍ମାଣ କାର୍ଯ୍ୟରେ ଦେଖିବାକୁ ମିଳିଛି। ଏହି ପ୍ରକଳ୍ପ ପାଇଁ ବରୀ-ବରୁଆଁ



ଭାଙ୍ଗି ଦିଆଯାଇଥିବା ପୋଲ ।

ପୂର୍ତ୍ତ ବିଭାଗ ରାସ୍ତାର ରଘୁନାଥପୁର ଛକ ନିକଟରୁ ବାଙ୍କସାହି ପର୍ଯ୍ୟନ୍ତ ଯାଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ରାସ୍ତାର ଦୁଧେଇ ନାଳରେ ଥିବା ଏକ ପୋଲକୁ ପୂର୍ତ୍ତ ବିଭାଗ ପକ୍ଷରୁ ଭଙ୍ଗାଯାଇଛି। ନୂତନ ପୋଲ ନିର୍ମାଣ କରାଯିବାକୁ ଯୋଜନା କରାଯାଇଛି। ହେଲେ କାର୍ଯ୍ୟ ଦାୟିତ୍ୱରେ ଥିବା ଠିକାସଂସ୍ଥା ବିନା ସୂଚନା ଫଳକରେ କାମ ଆରମ୍ଭ କରିଛି। ଠିକା ସଂସ୍ଥା ପୋଲ ଭାଙ୍ଗିବା ପରେ ଏକ ଅସ୍ଥାୟୀ ରାସ୍ତା ନିର୍ମାଣ କରି ବସିପଡ଼ିଛି। ଏ ପର୍ଯ୍ୟନ୍ତ ପୋଲ କାମ ଆରମ୍ଭ କରୁନାହିଁ। ଫଳରେ ଏହି ରାସ୍ତା ଓ ପୋଲ ଉପରେ ନିର୍ଭର କରୁଥିବା ଏରବାଙ୍କ, ସାହାସପୁର, ରୁଦ୍ରପୁର, ସୁଜନପୁର ପ୍ରଭୃତି ପଞ୍ଚାୟତବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେହିପରି ସ୍କୁଲ୍, କଲେଜ ପିଲା ଏହି ଭଙ୍ଗା ପୋଲ ଓ ରାସ୍ତା ଦେଇ ଯାତାୟାତ କରି ପାରୁନାହାନ୍ତି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଆଗକୁ ବର୍ଷାଦିନ ଆସୁଥିବାରୁ ପୋଲ ନିର୍ମାଣ କରା ନ ଗଲେ ଲୋକେ ଯାତାୟାତ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେବେ ବୋଲି କହିଛନ୍ତି। ସେହିପରି ଜେଲ୍ ନିର୍ମାଣ ପାଇଁ ଭାରିଯାନଗୁଡ଼ିକରେ ସାମଗ୍ରୀ ପରିବହନ ହେଉଥିବାରୁ ଏହି ସଡ଼କ ବିଭିନ୍ନ ସ୍ଥାନରେ ଭାଙ୍ଗିରୁଜି ଗଲାଣି। ଏହାର ମରାମତି ମଧ୍ୟ କରାଯାଉନାହିଁ। ପୋଲ ନିର୍ମାଣ କାମ ଶୀଘ୍ର ଆରମ୍ଭ ନ ହେଲେ ଆଗାମୀ ଦିନରେ ଲୋକେ ଜିଲାପାଳଙ୍କ ଅଫିସ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଯାଜପୁର ଜିଲା ବିଜେଡି ସଭାପତି ହେଲେ ସରୋଜ ମହାପାତ୍ର

**ଝୁମ୍ପୁରୀ,୧୫।୪(ସରୋଜ ନାୟକ):** ଯାଜପୁର ଜିଲା ବିଜୁ ଜନତାଦଳ ସଭାପତି ଭାବେ ତୃତୀୟ ଥର ପାଇଁ ସରୋଜ କୁମାର ମହାପାତ୍ର ମନୋନୀତ ହୋଇଛନ୍ତି। ଏଥିପାଇଁ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ସରୋଜ ମହାପାତ୍ର ବିଜୁ ଜନତା ଦଳର ରାଜ୍ୟ ସଭାପତି ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିଜର କୃତଜ୍ଞତା ଜଣାଇବା ସହ ସେ ଦଳ ପାଇଁ ନିଷ୍ଠାର ସହ କାର୍ଯ୍ୟ କରୁଥିଲେ ଓ ଆଗାମୀ ଦିନରେ ପୂର୍ବପରି ଦଳ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି କହିଛନ୍ତି। ଏହି ପରିପ୍ରେକ୍ଷୀରେ ବିଂଝାରପୁର ବିଧାୟିକା ପ୍ରମିଳା ମଲିକ, ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ଯାଜପୁର ବିଧାୟିକା ସୁଜାତା ସାହୁ, କର୍ଣ୍ଣାଟ କେଶରୀ ଦାସ, ବ୍ଲକ ବିଜେଡି ସଭାପତି ଅଜୟ କୁମାର ମହାନ୍ତି, ବ୍ଲକ ଅଧ୍ୟକ୍ଷ ଦିଗାମ୍ବର ମଲିକ, ଜିଲା ପରିଷଦ ସଭ୍ୟା ମନସ୍ୱିନୀ



ଦାସ, ରଜାପୁର ସରପଞ୍ଚ ନିରାକାର ସାହୁ, ଚମ୍ପେଇପାଳ ସରପଞ୍ଚ ହିମାଂଶୁ ନାୟକ, ଯୁବ ନେତା ମନୀଷ ସାହୁ, ମହେଶ୍ୱର ସାହୁ, ଅମୀୟ ଜେନା, ଧର୍ମରାଜ ଧୀର, ଦୀପକ ଜେନା, ଅଜିତ ସାମଲ ,ମଙ୍ଗଳପୁରର ପୂର୍ବତନ ସରପଞ୍ଚ ଶିଶିର ଧଳ, କୟାଁ ସରପଞ୍ଚ ମନ୍ଦାକିନୀ ମଲିକ, ଥାଲକୁଡ଼ି ପଞ୍ଚାୟତ ବିଜେଡି ସଭାପତି ବିଜୟ ପାତ୍ର,ଚିନ୍ମୟ ମାହୁନ୍ତ ପ୍ରମୁଖଙ୍କ ସମେତ ବ୍ଲକର ବହୁ ସରପଞ୍ଚ, ସମିତିସଭ୍ୟ ସରୋଜଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ବିଷୁବ ମିଳନ,କବିତା ପାଠୋତ୍ସବ



ବିଷୁବ ମିଳନ ଉତ୍ସବରେ ଯୋଗଦେଇଥିବା ଅତିଥି ।

**ସିଂହପୁର,୧୫।୪ (ଅନଙ୍ଗ ଉଦୟ ବେଉରିଆ):** ବିଂଝାରପୁର ବ୍ଲକ ବରୁଣେଇ ପୀଠଠାରେ ଉଦୟ ଭାନୁ ସାହିତ୍ୟ ସଂସଦର ମହା ବିଷୁବ ମିଳନ ଓ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସଭାପତି ବ୍ରଜ ସୁନ୍ଦର ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଣ୍ଡିତ ଭୂପତି ଭୁଷଣ ମିଶ୍ର , ମୁଖ୍ୟବକ୍ତା ପ୍ରଧାପକ ଦାମୋଦର ବେହେରା, ସମ୍ମାନିତ ଅତିଥି ପ୍ରଧାପକ ଅଜୟ ଓଝା , ଚତୃଭୁଜ ସାହୁ , ଔପନ୍ୟାସିକ ଜଗନ୍ନାଥ ଧଳ , ସାମାଜିକ କର୍ମୀ ପଦ୍ମାକର ଗୁରୁ ପ୍ରମୁଖ ଯୋଗଦାନ କରିଥିଲେ । ସମ୍ପାଦକ ସୁରେନ୍ଦ୍ର କୁମାର ପତି ବିଷୁବ ମିଳନର ଆଭିମୁଖ୍ୟ ପ୍ରଦାନ କରିଥିଲେ । ସଂସଦ ପକ୍ଷରୁ ପ୍ରାକ୍ତନ ପ୍ରଧାନ ଶିକ୍ଷକ ନାରାୟଣ ଚନ୍ଦ୍ର ଦାସ , ବର୍ଷୀୟାନ କବି ଭଗବାନ ଦାସ , କଣ୍ଠ ଶିଳ୍ପୀ ବୀଣାପାଣି ବିନ୍ଧାଣି , ଶିଶୁ ନୃତ୍ୟ ଶିଳ୍ପୀ କୟମିଶା ସାମଲଙ୍କୁ ବିଷୁବ ସମ୍ମାନରେ ସମ୍ମାନୀତ କରଯାଇଥିଲା। ଅତିଥିମାନେ ଓଡିଆ ନୂତନ ବର୍ଷ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା । ବିଂଝାରପୁର , ବରୀ, ଦଶରଥପୁର ରାଜକନିକା , ଅ ।ଳି ବ୍ଲକର ବହୁ କବି, କବୟିତ୍ରୀ ନିଜର ସ୍ୱରଚିତ କବିତା ପାଠ କରିଥିଲେ । ସଂଯୋଜକ ଭାବେ ଗଦାଧର ପଢ଼ିହାରୀ, ସନ୍ତୋଷ କୁମାର ବେହୁରିଆ , ଖଗେଶ୍ୱର ସାହୁ , ସୁଧୀର ଆଚ ।ର୍ଯ୍ୟ, ସରୋଜ କୁମାର ମଲିକ ପ୍ରମୂଖ ଯୋଗ ଦେଇଥିଲେ । ସଭାରେ ପ୍ରାରମ୍ଭିକ ସଙ୍ଗୀତ ଭାବେ ବନ୍ଦେ ଉତ୍କଳ ଜନନୀ ଗାନ କରଯାଇଥିଲା । ଏହି ଉତ୍ସବକୁ ସଂସଦର ସଭ୍ୟ ନିରଞ୍ଜନ ପାତ୍ର , ରାମଚନ୍ଦ୍ର ନାୟକ , ଅକ୍ଷୟ କୁମାର ସେଠୀ , ବାସୁଦେବ ପଣ୍ଡା , ବସନ୍ତ କୁମାର ସେଠୀ , ତ୍ରିଲୋଚନ ପତି , ରବିନାରାୟଣ ସାମଲ , ନିରଞ୍ଜନ ସାମଲ , ରବିନ୍ଦ୍ର କୁମାର ସାମଲ , ବିଷ୍ଣୁଚରଣ ସାମଲ, ଉମେଶ ସାମଲ , ଧନେଶ୍ୱର ଦାସ ପ୍ରମୁଖ ସଭା ପରିଚାଳନା କରିଥିଲେ। ପ୍ରମୋଦ କୁମାର ସାମଲ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## କରଦା ଭାଜପା ପକ୍ଷରୁ ଜଳସେବା

**ପାଣିକୋଇଲି,୧୪।୪(ବିକାଶ ମଲ୍ଲିକ):** କୋରେଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତ ଭାଜପା ପକ୍ଷରୁ ଏକ ଜଳସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କରଦା ହରିହାଟ ପଡ଼ିଆ ସନ୍ନିକଟ ଦଧିବାମନ ଜୀଉ ମଠପରିସରରେ ଅନଷ୍ଠିତ କାର୍ଯ୍ୟକ୍ରମକୁ ଅତିଥିଭାବେ ପଞ୍ଚାୟତ ଭାଜପା ସଭାପତି କାର୍ତ୍ତିକ ଚନ୍ଦ୍ର ସାହୁ, ଖରସ୍ରୋତା ମଣ୍ଡଳ ସଭାପତି ଭାସ୍କର ସାହୁ, ମଠାଧିଷ କୃଷ୍ଣଚନ୍ଦ୍ର ଦାସ, ବରିଷ୍ଠ ଖବରଦାତା ସୁବାସ ଧଳ, ବିରଞ୍ଚି ନାରାୟଣ ଖୁଣ୍ଟିଆ, ପ୍ରଦୀପ କୁମାର ମାଝୀ, ଅଶୋକ କୁମାର ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପୂର୍ବାହ୍ନ ୧୦ଟା ଅପରାହ୍ନ ଦୁଇଟା ପର୍ଯ୍ୟନ୍ତ ଜଳସେବା ଚାଲୁ ରହିଥିଲା। ନାରାୟଣ ଚନ୍ଦ୍ର ନାୟକ, ଅରୁଣ ପଲେଇ, ବିଜୟ ସେନାପତି, ପଦ୍ମନାଭ ଓଝା, ରବୀନ୍ଦ୍ର ନାୟକ, ଫକୀର ଚରଣ ବାରିକ, ଗଣେଶ ଚନ୍ଦ୍ର ଦାସ, ଶ୍ୟାମସୁନ୍ଦର ସାହୁ, ଶରତ ଚନ୍ଦ୍ର ସେନାପତି, ଶୁଶୀଲ ବେହେରା, ଅନୁପ ବେହେରା, ବୃନ୍ଦାବନ ବେହେରା, ସତ୍ୟବ୍ରତ ବେହେରା, ସତ୍ୟଜିତ ବେହେରା, ସୁବାସ ଚନ୍ଦ୍ର ଖଣ୍ଡାଇ, ଅଭୟ ବେହେରା, ତୁଷାରକାନ୍ତ ବାରିକ, ଜ୍ୟୋତିପ୍ରକାଶ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଦ୍ୟାଳୟ ଗୃହ ନିର୍ମାଣ ବିବାଦ ତେଜିଲା



ଏବିଡିଓଙ୍କୁ ଗ୍ରାମବାସୀ ଦାବିପତ୍ର ପ୍ରଦାନ କରୁଛନ୍ତି ।

## ବିଡିଓଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ଦାବିପତ୍ର

**କଳିଙ୍ଗନଗର,୧୫।୪(ଶୁଭାଶିଷ ରାଉତ):** ଯାଜପୁର ଜିଲା ଦାନଗଦି ବ୍ଲକର ଶାଳିଜଙ୍ଗା ପଞ୍ଚାୟତର ଉଲିବେଡା ଗାଁରେ ନିର୍ମାଣ ହେବାକୁ ଥିବା ବିଦ୍ୟାଳୟ ଗୃହ କାମକୁ ନେଇ ଯେଉଁ ବିବାଦ ଚାଲିଥିଲା ତାହା ମଙ୍ଗଳବାର ବ୍ଲକ ଅଫିସରେ ପହଞ୍ଚିଛି। ଗ୍ରାମବାସୀ ଗାଁରେ ବୈଠକ କରିବା ପରେ ଏକାଠି ହୋଇ ଦାନଗଦି ବ୍ଲକ ଅଫିସକୁ ଆସିଥିଲେ। ବିଡିଓ ଅନୁପସ୍ଥିତ ଥିବାରୁ ଦାୟିତ୍ୱରେ ଥିବା ଏବିଡିଓ ଦିବ୍ୟା ମିଶ୍ରଙ୍କୁ ଗ୍ରାମବାସୀ ଅଭିଯୋଗ ପତ୍ର ଦେଇଥିଲେ। ବିଡ଼ିଓଙ୍କ ସହ କଥା ହୋଇ ଏହାର ତଦନ୍ତ ଖୁବ୍‌ଶୀଘ୍ର କରିବେ ବୋଲି ଏବିଡିଓ କହିଛନ୍ତି। ସୂଚନାଯୋଗ୍ୟ, ଉଲିବେଡାଗାଁରେ ବିଦ୍ୟାଳୟ ଗୃହ ନିର୍ମାଣ ପାଇଁ ଜିଲା ଖଣିଜ ପାଣ୍ଠିରୁ ଆସିଥିବା ୪୬ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର କାମକୁ ଗ୍ରାମବାସୀ ମିଳିତ ଭାବେ ଦେଖାଶୁଣା କରିକରିବା ପାଇଁ ଏକ ବୈଠକ କରି ଯନ୍ତ୍ରୀଙ୍କୁ ଜଣାଇଥିଲେ। କିନ୍ତୁ ସେ ଜଣଙ୍କ ନାମରେ କାମ ନେଇ ଅନ୍ୟ ଜଣେ ବାହାର ଲୋକଙ୍କୁ କାମ ବିକି ଦେଇଥିଲେ। ସେହି ଠିକାଦାର କାମ ଆରମ୍ଭ କରୁଥିବା ବେଳେ ଗ୍ରାମବାସୀ ଏକାଠି ହୋଇ ଗତ ଶନିବାର ବିରୋଧ କରିବା ସହ କାମ ବନ୍ଦ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ହେଉଛି ଆଦିବାସୀ ପଲ୍ଲୀ ହେଉଥିବାରୁ ଠିକାଦାରମାନେ ନିମ୍ନମାନର କାମ କରି ଦେଇ ଠକି ଚାଲିଛନ୍ତି। ତେଣୁ ଆମ ଗ୍ରାମବାସୀ କାମ କରିବେ। ଯଦି ବିଡ଼ିଓ କିଛି ବିଚାର ନ କରନ୍ତି ଆମେ ବ୍ଲକ ସମ୍ମୁଖରେ ଧାରଣା ଦେବୁ । ବାହାର ଠିକାଦାରକୁ ଗାଁରେ ପୁରାଇ ଦେବୁନାହିଁ। କାମ ହେଲେ ଘୋର ବିରୋଧ କରି ବନ୍ଦ କରିବୁ । ଯାହା ହେବ ସେଥିପାଇଁ ପ୍ରଶାସନ ଦାୟୀ ରହିବ।

# ମଧୁବନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମ୍ମାନ ଉତ୍ସବ

**ରସୁଲପୁର,୧୫।୪(ରଞ୍ଜିତ ରାଉତ):** ରସୁଲପୁର ବ୍ଲକ ବଡକଇଁଚି ପଞ୍ଚାୟତ ଅନ୍ତର୍ଗତ ମଧୁବନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ରାଜଶ୍ରୀ ପ୍ରେକ୍ଷାଳୟ ପରିସରରେ କର୍ମଚାରୀ ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର ଘଡାଇ ଅଧକ୍ଷତା କରିଥିଲେ । ଏଥିରେ ଅତିଥି ଭାବେ ପୂର୍ବତନ ପ୍ରଧାପକ ପ୍ରଶାନ୍ତ କୁମାର ମହାନ୍ତି ଯୋଗଦେଇ ଓଡିଆ ଭାଷା ସାହିତ୍ୟ ବିଭାଗର ପ୍ରଧାପକ



ସମ୍ମାନ ପ୍ରଦାନ ଉତ୍ସବରେ ଅତିଥିଙ୍କ ଗହଣରେ ସ୍କୁଲର କର୍ମଚାରୀ ବୃନ୍ଦ ।

ନିତ୍ୟାନନ୍ଦ ମହାନ୍ତି, ବିଜ୍ଞାନଗାର ସହାୟକ ପଦ୍ମନାଭ ଦ୍ୱିବେଦୀ ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର, ଉପଢୌକନ ଓ ଉପହାର ଦେଇ ସମ୍ମାନିତ କରିଥିଲେ । ବିଦ୍ୟାଳୟର ଅଗ୍ରଗତି ଓ ଉନ୍ନତି କ୍ଷେତ୍ରରେ ଉଭୟ କର୍ମଚାରୀଙ୍କ ଉଲ୍ଲେଖନୀୟ ଅବଦାନ ରହିଥିବା ସମ୍ପର୍କରେ ବିଦ୍ୟାଳୟର ସହକର୍ମୀମାନେ ମତବ୍ୟକ୍ତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅଧାପିକା ପ୍ରଣତି ରାଉତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନମିତା ଗିରି ମାନପତ୍ର ପାଠ କରିଥିଲେ । ଏଥିରେ ବିଦ୍ୟାଳୟରୁ ଅବସରଗ୍ରହଣ କରିଥିବା ଅଧାପିକା ଅଧାପକମାନେ ଅତିଥି ଭାବେ ଯୋଗଦେଇଥିଲେ । ଅଧାପକ ଦେବବ୍ରତ ମହାପାତ୍ର ସଭା ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପିତ

**ଦଶରଥପୁର,୧୫।୪ (ସୁଶାନ୍ତ କୁମାର ବେହୁରିଆ):** ଦଶରଥପୁର ବ୍ଲକ ଥାଲକୁଡ଼ି ପଞ୍ଚାୟତ ଦକ୍ଷିଣବନ୍ଧସ୍ଥିତ ଉତ୍କଳ ଗୌରବ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପିତ ହୋଇଯାଇଛି। ପ୍ରାକ୍ତନ ଛାତ୍ର ନରେନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ମୁଖ୍ୟବକ୍ତା ଭାବେ ଏସୟୁସିଆଇ ରାଜ୍ୟ କମିଟି ସଭ୍ୟ ଅଶୋକ ମିଶ୍ର, ସମ୍ମାନିତ ଅତିଥିଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ, ଶ୍ରମିକନେତା ରାମଚନ୍ଦ୍ର ଖୁଣ୍ଟିଆ, ମହିଳା ସାଂସ୍କୃତିକ ସଂଗଠନର ରାଜ୍ୟ ସଭାନେତ୍ରୀ ସ୍ୱୟଂପ୍ରଭା ନାୟକ, କଂଗ୍ରେସ ନେତା ସନ୍ତୋଷ ନନ୍ଦ, କନକଲତା ମଲ୍ଲିକ ଓ ବିଦ୍ୟାଳୟ ପ୍ରଧାନଶିକ୍ଷକ ନିରଞ୍ଜନ ସାମଲ ପ୍ରମୁଖ ଯୋଗଦେଇଥିଲେ। ପୁରାତନ ଛାତ୍ର ସଂସଦ ସମ୍ପାଦକ ଅଜୟ କୁମାର ପରିଡ଼ା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପୁରାତନ ଛାତ୍ର ଅଧାପକ ଲକ୍ଷ୍ମୀଧର ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ଭୋଟକା ହିଙ୍ଗୁଳା ମହାଯଜ୍ଞୋତ୍ସବ

## ହିଙ୍ଗୁଳା ସମ୍ମାନ ଉତ୍ସବ-୨୦୨୫ ପ୍ରଦାନ




ହିଙ୍ଗୁଳା ସମ୍ମାନ ପ୍ରଦାନ ଉତ୍ସବରେ ଯୋଗଦେଇଥିବା ଅତିଥି ।

**ରସୁଲପୁର,୧୫।୪(ରଞ୍ଜିତ ରାଉତ)** ରସୁଲପୁର ବ୍ଲକ ଭୋଟକା ବଇଁଚ ପଡିଆ ମା'ହିଙ୍ଗୁଳାଙ୍କ ୬୬ତମ ବାର୍ଷିକ ମହାଯଜ୍ଞୋତ୍ସବର ୪ର୍ଥ ଦିବସରେ ହିଙ୍ଗୁଳା ସମ୍ମାନ ଉତ୍ସବ-୨୦୨୫ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ଏକ ସଭାରେ ଯଜ୍ଞ ପରିଚାଳନା କମିଟିର ସଭାପତି ଅଶ୍ୱିନୀ କୁମାର ଦାସ ଅଧକ୍ଷତା କରିଥିଲେ । କମିଟିର ସମ୍ପାଦକ ଧନେଶ୍ୱର ସାହୁ ଉତ୍ସବ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଉକ୍ତ ଉତ୍ସବରେ ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ ଯୋଗଦେଇ ମା'ଙ୍କ ପୂଜା ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରାଯାଉଛି ବୋଲି କହିଥିଲେ। ଶକ୍ତିପୀଠ ମା ହିଙ୍ଗୁଳାଙ୍କ ବିଜେ ସ୍ଥଳିର ଐତିହ୍ୟ ଓ ୬୬ବର୍ଷ ଧରି ଅନୁଷ୍ଠାନକୁ ବଞ୍ଚାଇ ରଖିବାକୁ ସହଯୋଗୀ ଗ୍ରାମର ଜନସାଧାରଣଙ୍କ ଉଦ୍ୟମ ସମ୍ପର୍କରେ କମିଟିର କାର୍ଯ୍ୟକର୍ତ୍ତାଙ୍କ ପକ୍ଷରୁ ଅବଗତ ହୋଇଥିଲେ। ମୁଖ୍ୟ ଅତିଥି ମା'ଙ୍କ ପୀଠର ଉନ୍ନତି ନିମିତ୍ତ ଯଥା ସାଧ୍ୟ ସାହାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସ୍ମୃତିରେଖା ରାଉତ, ସମିତିସଭ୍ୟ ରଞ୍ଜିତ କୁମାର ସାହୁ, ହିଙ୍ଗୁଳା ପୂଜା କମିଟିର ପୂର୍ବତନ ସମ୍ପାଦକ ଶଶିଭୂଷଣ ରାଉତ, ନାଏବ ସରପଞ୍ଚ କେଦାର କୁମାର ଦେଓ ପ୍ରମୁଖ ଯୋଗଦେଇ ଥିଲେ। ଅତିଥିମାନଙ୍କୁ କମିଟି ପକ୍ଷରୁ ସମ୍ମାନିତ କରାଯାଇଥିଲା। ପୂର୍ବତନ ସମ୍ପାଦକ ରାଉତଙ୍କୁ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ । କମିଟିର ଉପଦେଷ୍ଟା ବିନୋଦ ବିହାରୀ ବେହେରା, ସୁନନ୍ଦ କୁମାର ରାଉତ, ଶୁକଦେବ ରାଉତ, ସୁରେନ୍ଦ୍ର କୁମାର ରାଉତ, କମଳାକାନ୍ତ ସାମଲ, କାର୍ଯ୍ୟକାରୀ ସଭାପତି ଶଶିଭୂଷଣ ପରିଡା, ଅମୁଲ୍ୟ କୁମାର ଦାସ, ଅଦୈତ ରାଉତ, ଉଦୟ ରାଉତ, ବିଷ୍ଣୁ ଚରଣ ରାଉତ, ଅନିରୁଦ୍ଧ ଦାସଙ୍କ ସମେତ ଅନୁଷ୍ଠାନର ବହୁ ସଦସ୍ୟ ଯୋଗଦେଇଥିଲେ । ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରାଯିବା ସହ ଅତିଥିମାନେ ବ୍ରତ ଧାରଣ କରିଥିଲେ । କମିଟିର କୋଷାଧକ୍ଷ ମନୋଜ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# କଳାପଥର ଖଣି ପୋତାହେଲାନି

- ଭୂତଳ ଜଳସ୍ତର ନିମ୍ନଗାମୀ
- ଜଳକଷ୍ଟ ଭୋଗୁଛନ୍ତି ଅଞ୍ଚଳବାସୀ

**ଯାଜପୁର,୧୫।୪ (ହର୍ଷବର୍ଦ୍ଧନ ବେହେରା) :** ଲଘୁ ଖଣିଜ ସମ୍ପଦ ବାଲି, ଗ୍ରାନାଇଟ, ମୋରମ ଆଦି ଉତ୍ତୋଳନ ପାଇଁ ସରକାରଙ୍କ ଲଘୁ ଖଣିଜ ଦ୍ରବ୍ୟ ସଂଶୋଧନ ଆଇନ-୨୦୧୬ (ଓଏମ୍‌ଏମ୍‌ସିଏଆର)କୁ କେହି ନ ମାନିବାରୁ ଯାଜପୁର ଜିଲାର ଧର୍ମଶାଳା ବ୍ଲକ ଅଞ୍ଚଳବାସୀ ଜଳକଷ୍ଟର ସମ୍ମୁଖୀନ ହେବାକୁ ଯାଉଛନ୍ତି । ଗ୍ରୀଷ୍ମମାସ ଆରମ୍ଭରୁ ଭୂତଳ ଜଳସ୍ତର ନିମ୍ନଗାମୀ ହେଉଥିବା ସହ ନଳକୂପଗୁଡିକରୁ ଆବଶ୍ୟକ ପାଣି ବାହାରୁ ନାହିଁ। ବିଭିନ୍ନ ପାହାଡ଼ରେ ୧୫୦ଫୁଟ ପର୍ଯ୍ୟନ୍ତ ଗାତ ଖୋଳି କଳାପଥର ଉତ୍ତୋଳନ ହେଉଥିବାରୁ ଭୂତଳ ଜଳସ୍ତର ନିମ୍ନଗାମୀ ହୋଇଛି ବୋଲି ମତପ୍ରକାଶ ପାଇଛି । ଖଣି କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଉକ୍ତ ଖଣିକୁ ପୋତା ଯିବାର ନିୟମ ଥିଲେ



ବରଦା କଳାପଥର ଖଣି ଖାଦାନରେ ପାଣି ଜମିରହିଛି ।

ହେଁ ପ୍ରାୟ ୫୦ଟି ଖାଦାନ ଖାଲି ପଡିଛି। କେତେକ ଖାଦାନରେ ପୋଖରୀ ଥିଲା ଭଳି ଦିଶୁଛି । ଜିଲା ପ୍ରଶାସନ କେବଳ ଖୋଲା ଖଣିର ହିସାବ ମାଗି ନିଜର ଦାୟିତ୍ୱ ସମ୍ପାଦନ କରିଛି। ଫଳରେ ପାହାଡ଼ ପାଦଦେଶରେ ଥିବା ଶତାଧିକ ଗ୍ରାମର ନଳକୂପରୁ ଆବଶ୍ୟକ ପାଣି ବାହାରୁ ନାହିଁ।

ସରକାରୀ ଭାବେ ସର୍‌ହୋଲ ଡ୍ରିଲ୍ ଓ ଲଙ୍ଗ୍ ହୋଲ୍ ଡ୍ରିଲ୍ କରିବାକୁ ନିୟମ ରହିଛି। ଖଣି ବିଭାଗ ଏଥିପାଇଁ ଅନୁମତି ମଞ୍ଜୁର କରିଥାଏ । ଲଙ୍ଗ୍ ହୋଲ ଡ୍ରିଲରେ ସର୍ବାଧିକ ୬ ମିଟର ପର୍ଯ୍ୟନ୍ତ ଗାତ କରି ପାରିବେ। ସର୍‌ହୋଲ୍ ଡ୍ରିଲ୍‌ରେ ୧ରୁ ଦେଢ ମିଟର ଗାତ ଖୋଳି ଡ୍ରିଲିଂ କରିବାକୁ ନିୟମ ରହିଛି। କିନ୍ତୁ ଏହିସବୁ ନୀତି ନିୟମକୁ ଭୃକ୍ଷେପ ନ କରି ଭୂତଳ ଜଳସ୍ତର ପର୍ଯ୍ୟନ୍ତ ଗାତ ଖୋଳି ଡ୍ରିଲିଂ କରାଯାଇଛି । ଫଳସ୍ୱରୂପ ଡଙ୍କାରୀ, ମଧୁପୁରଗଡ଼, କୁକୁଡ଼ାଖାଲି, ଭୁବନପୁର, ପନ୍ତୁରୀ, ରଗଡିପସି, ଚଢ଼େଇଧରା, ପଇତରା, ଦୌଲତପୁର, ଗୋଗରସରା, ବରଡ଼ା, ଖଟିଆପଡ଼ା, କୁରିକଣା, ବାଟିଯୋଡ଼ା, ବାରମାଣ, ଚଡକମରା, ସାହାଣିଡିହ, ଅଣ୍ଟିଆ, କମାଗଡ଼, ଭରତପୁର, ପଚ୍ଛୁଖୁଣ୍ଟି, ଇଚ୍ଛାପୁର, ବେଢା ପ୍ରଭୃତି ଗ୍ରାମବାସୀ ଏଥିଯୋଗୁ ପ୍ରଭାବିତ ହେଉଛନ୍ତି । କେତେକ ଗ୍ରାମରେ ଥିବା ପାଇପ ଜଳ ଯୋଗାଣ ପ୍ରକଳ୍ପ ମଧ୍ୟ ଅଚଳ ହୋଇ ପଡିଛି । ଧର୍ମଶାଳା ବିଧାୟକଙ୍କ ଦ୍ୱାରା ଟ୍ୟାଙ୍କର ଯୋଗେ ଜଳକ୍ଲିଷ୍ଟ ଅଞ୍ଚଳକୁ ଜଳଯୋଗାଣ ହେଉଥିଲେ ହେଁ ତାହା ପର୍ଯ୍ୟାପ୍ତ ହୋଇ ପାରୁ ନ ଥିବା ସୂଚନା ମିଳିଛି। ଏହାବାଦ୍ କଳାପଥର ଖାଦାନ ଥିବା ଅଞ୍ଚଳର ଅଧିକାଂଶ ଗ୍ରାମର ନଳକୂପ ପାଣିରେ ଆଇରନ ଅଂଶ ରହିଛି। ଫଳରେ ଏହି ଅଞ୍ଚଳର ଶତାଧିକ ଲୋକ କିଡ୍‌ନୀ ଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ଅଞ୍ଚଳବାସୀଙ୍କଠାରୁ ସୂଚନା ମିଳିଛି।

**ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା**

ରାଜନଗର,(ଭାସ୍କର ରାଉତରାୟ): ରାଜନଗର ଥାନା ଅନ୍ତର୍ଗତ ଡେରା ଗ୍ରାମର ଦିଗାମ୍ବର ରାଉତଙ୍କ ପୁଅ ଗଣେଶ(୨୨) ନିଜ ଘରେ ରଶି ଲଗାଇ ମଙ୍ଗଳବାର ଆତ୍ମହତ୍ୟା କରିଛନ୍ତି। ଗଣେଶଙ୍କ ଆତ୍ମହତ୍ୟାର କାରଣ ଖବର ଲେଖା ହେବା ପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ଘଟଣାର ତଦନ୍ତ କରୁଛି। ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଏସ୍ଏଚ୍‌ଜି ପୁନଃ ଗଠନ ବାତିଲ ଦାବିରେ ମହିଳା ସମାବେଶ

## ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୩ ଦଫା ସ୍ମାରକପତ୍ର ବିଡିଓଙ୍କୁ ପ୍ରଦାନ

**ରାଜକନିକା,୧୫।୪ (ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ)**

ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍ଏଚ୍‌ଜି) ପୁନଃ ଗଠନ ନିର୍ଦ୍ଦେଶନାମାକୁ ବାତିଲ କରିବା ଦାବିରେ ୯ରୁ ୧୫ତାରିଖ ପର୍ଯ୍ୟନ୍ତ ରାଜକନିକା ବ୍ଲକ ଜାଗୁଲାଇପଡ଼ା ପଞ୍ଚାୟତର ମହିଳା ଲଢ଼େଇ ଅବ୍ୟାହତ ରଖିଛନ୍ତି। ୭ ଦିନ ବ୍ଲକ ପରିସରରେ ଦିବାରାତ୍ର ଗଣଧାରଣାରେ ବସିଥିଲେ। ମହିଳାମାନଙ୍କୁ ନୈତିକ ସମର୍ଥନ ଜଣାଇ ବ୍ଲକର ୨୯ ପଞ୍ଚାୟତସ୍ତରୀୟ ଫେଡେରେଶନର ସଭାନେତ୍ରୀ, ସମ୍ପାଦିକା ଏକାଠି ହୋଇ ମଙ୍ଗଳବାର ମହିଳା ସମାବେଶ କରିଥିଲେ। ଏଥିରେ ବହୁ ସଂଖ୍ୟାରେ ମହିଳା ଯୋଗଦେଇଥିଲେ। ପ୍ରଗତିଶୀଳ ମହିଳା ସମିତିର ରାଜ୍ୟ ସଭାନେତ୍ରୀ ତଥା ଓଳାଭର ଜିପିଏଲଏଫ୍‌ର ସଭାନେତ୍ରୀ ସବିତା ବରଜଙ୍କ ନେତୃତ୍ୱରେ ମହିଳାମାନେ ସରକାର ବିରୋଧୀ ବିଭିନ୍ନ ନାରା ଦେଇ ସ୍ଥାନୀୟ ଅଶୋକ ବଜାରରୁ ଶୋଭାଯାତ୍ରାରେ ଆସି ବ୍ଲକ ପରିସରରେ ପହଞ୍ଚିଥିଲେ। ସେଠାରେ ଏକ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା।

ସଭାରେ ଏସ୍ଏଚ୍‌ଜି ପୁନଃ ଗଠନ ସମ୍ପର୍କିତ ନିର୍ଦ୍ଦେଶନାମାକୁ ବାତିଲ କରିବା ଦାବିକୁ ଦୋହରାଇବା ସହ କେତେକ ମୌଳିକ ପ୍ରଶ୍ନ ରଖିଥିଲେ। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ, ଜିପିଏଲ୍ଏଫ୍‌ର ସମୟସୀମା ୨ ବର୍ଷ ରଖାଯାଇଛି।



ଏସ୍ଏଚ୍‌ଜିର ମହିଳାମାନେ ବ୍ଲକ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

ନିୟମାନୁଯାୟୀ ଜାଗୁଲାଇପଡ଼ା ପଞ୍ଚାୟତସ୍ତରୀୟ ଫେଡେରେଶନକୁ ବର୍ଷେ ହୋଇଛି। ପ୍ରଶାସନିକ ଅବହେଳାରୁ ସେହି ପଞ୍ଚାୟତରେ ସିଆର୍‌ପି ଓ ଏମ୍‌ବିକେ ନିଯୁକ୍ତି ଦିଆଯାଇନାହିଁ କି କୌଣସି ସରକାରୀ ଆର୍ଥିକ ସହଯୋଗ ମିଳିନାହିଁ। ହେଲେ ପୁନଃ ଗଠନ ପାଇଁ ଚିଠି କରାଯାଇଛି। ଏହି ପଞ୍ଚାୟତରେ ପୁନଃ ଗଠନ ପ୍ରକ୍ରିୟାକୁ ବାତିଲ ଏବଂ ସିଆର୍‌ପି ଓ ଏମ୍‌ବିକେ ନିଯୁକ୍ତି କରି ତୁରନ୍ତ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉ। ୨ୟରେ ସରକାର ପ୍ରଥମେ ସ୍ପଷ୍ଟ କରନ୍ତୁ ଇସି ସଭ୍ୟାମାନେ ସ୍କିମ ୱାର୍କର କି ନିର୍ବାଚିତ ପ୍ରତିନିଧି, ଯଦି ସ୍କିମ ୱାର୍କର, ତେବେ ସେମାନଙ୍କୁ ସ୍ଥାୟୀ କରି ସେମାନଙ୍କ ପାରିଶ୍ରମିକ ବୃଦ୍ଧି କରାନ୍ତୁ। ଯଦି ନିର୍ବାଚିତ ପ୍ରତିନିଧି, ତେବେ ସେମାନଙ୍କୁ ଗଣତାନ୍ତ୍ରିକ ପଦ୍ଧତିରେ ବାରମ୍ବାର ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାର ସୁଯୋଗ ଦିଅନ୍ତୁ। ୩ୟ ଦାବିରେ ଅଗଣତାନ୍ତ୍ରିକ ଓ ଅସାମ୍ବିଧାନିକ ଭାବେ ରାଜ୍ୟ ସରକାର ଜାରି କରିଥିବା ନିର୍ଦ୍ଦେଶନାମାକୁ ବାତିଲ କରନ୍ତୁ। ସରକାର ମହିଳା ବିରୋଧୀ ଦୃଷ୍ଟିଭଙ୍ଗୀର ପରିବର୍ତ୍ତନ କରନ୍ତୁ। ସିଆର୍‌ପିଙ୍କ ଛଟେଇ ଯୋଜନା ବାତିଲ କରି ଅଧିକ ନିଯୁକ୍ତିର ସୁଯୋଗ ସୃଷ୍ଟି କରନ୍ତୁ ବୋଲି ପ୍ରତିବାଦ ସଭାରେ ମତପ୍ରକାଶ ପାଇଥିଲା। ଉକ୍ତ ସମାବେଶକୁ ସମର୍ଥନ ଜଣାଇ ସିପିଆଇଏମ୍ଏଲ କେନ୍ଦ୍ରାପଡ଼ା ଜିଲା ସମ୍ପାଦକ ବିଧାନ ଦାସ, ଜିଲା ପରିଷଦ ସଭ୍ୟା ଅମିତା ସାହୁ, ସରପଞ୍ଚ ଦୁର୍ଯ୍ୟୋଧନ ମହାନ୍ତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶକୁନ୍ତଳା ଦାସ, ସୁଲୋଚନା ମହାକୁଳ, ଅନସୂୟା ଖଟୁଆ, ଅଭୟାଲକ୍ଷ୍ମୀ ଦାଶ, ରେଣୁବାଳା ମିଶ୍ର, ବୈଜୟନ୍ତୀ ପଢିହାରୀ, ମମତା ଭୂୟାଁ, ଲତା ମଲିକ, ଅନିତା ସାମଲ, ଲିପିକା ମହାପାତ୍ର, ଗାୟତ୍ରୀ ମହାନ୍ତି, ଶାନ୍ତିଲତା ମହାନ୍ତି, ଅପରାଜିତା ଦାସଙ୍କ ସମେତ ୨୯ ପଞ୍ଚାୟତସ୍ତରୀୟ ଫେଡେରେଶନର ସଭାନେତ୍ରୀ ଓ ସମ୍ପାଦିକା ସମାବେଶରେ ସାମିଲ୍ ଥିଲେ। ଶେଷରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୩ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ବିଡିଓଙ୍କ ମାଧ୍ୟମରେ ପ୍ରଦାନ କରାଯାଇଥିଲା। ସମାବେଶ ପକ୍ଷରୁ ଅନୁରୋଧକ୍ରମେ ମହିଳାମାନେ ଗଣଧାରଣା ପ୍ରତ୍ୟାହାର କରିଥିଲେ। ଭବିଷ୍ୟତରେ ସରକାରଙ୍କ ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଇ ଦେବାକୁ ସମୂହ ଶପଥ ପାଠ କରିଥିଲେ।

# ମଣ୍ଡଳସ୍ତରୀୟ ଇକୋ, ଏନର୍ଜି କ୍ଲବ୍ କର୍ମଶାଳା

**ଡେରାବିଶ, ୧୫।୪ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ଜଅାଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ମଣ୍ଡଳସ୍ତରୀୟ ଇକୋ ଓ ଏନର୍ଜି କ୍ଲବର ପ୍ରଦର୍ଶନୀ ସହ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ସହ ଶିକ୍ଷାଧିକାରିଣୀ ସ୍ୱାଗତିକା ସ୍ୱାଇଁ, ମୁଖ୍ୟବକ୍ତା ଭାବେ ମଣ୍ଡଳ ହାଇସ୍କୁଲ ସମୂହର ପ୍ରଧାନ ଶିକ୍ଷୟିତ୍ରୀ କାନନବାଳା ନାୟକ ଓ ସମ୍ମାନିତ ଅତିଥି ଭାବେ ସରପଞ୍ଚ ଶଙ୍କର୍ଷଣ ପରିଡ଼ା, ହରିଅଙ୍କ ସରପଞ୍ଚ କନକଲତା ପ୍ରଧାନ, ଇନ୍ଦାଲୋ ସରପଞ୍ଚ ଜ୍ୟୋତ୍ସ୍ନାମୟୀ ବେହେରା, ସମିତି ସଭ୍ୟା ସଂଯୁକ୍ତା ସ୍ୱାଇଁ, ମାମାନା ମଳିକ, ପ୍ରଧାନ ଶିକ୍ଷୟିତ୍ରୀ ତଥା ପରିବେଶବିତ୍ ସସ୍ମିତା ବେହେରା ଯୋଗଦେଇ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏଥିସହ ବୃକ୍ଷରୋପଣ, ଜଳ ସଂରକ୍ଷଣ, ପରିବେଶ ସୁରକ୍ଷା, ବନୀକରଣ ଓ ଶକ୍ତି ସଂରକ୍ଷଣ ଉପରେ ସମସ୍ତଙ୍କ ପ୍ରୟାସ ରହିବା ଆବଶ୍ୟକ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧୀନ ୪୦ଟି ହାଇସ୍କୁଲ ଓ ୧୦ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରି ସେମାନଙ୍କ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଚାରକ ଭାବେ ଅଧ୍ୟାପକ ମାନସ ରଞ୍ଜନ ଦାସ, ଶିଶିର କୁମାର ଷଡଙ୍ଗୀ, ଶିକ୍ଷକ ରଘୁନାଥ ଦାସ ଯୋଗଦେଇ ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ବିଜ୍ଞାନ ପରିଦର୍ଶକ ପ୍ରକାଶ ଚନ୍ଦ୍ର ପରିଡ଼ା, ନିଶିକାନ୍ତ ବାରିକ, ସୌରଭ ମହାପାତ୍ର, ମଦନ ମୋହନ ଦାସ, ଏବିଓ ସଚ୍ଚିକାନ୍ତ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଚାରକ ମଣ୍ଡଳୀ ଦ୍ୱାରା ଶ୍ରେଷ୍ଠ ବିବେଚିତ ହୋଇଥିବା ପ୍ରକଳ୍ପଗୁଡ଼ିକୁ ବିଚାର କରି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଶାନ୍ତ କୁମାର ଶତପଥୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପ୍ରତାପ କୁମାର ଶତପଥୀ, ପ୍ରଫୁଲ୍ଲ କୁମାର ବାରିକ, ପ୍ରଦୀପ୍ତ ଶତପଥୀ, ଉମ୍ବରୁଧର ପ୍ରଧାନ, ଜୟଶ୍ରୀ ସ୍ୱାଇଁ, ଶୁଚିସ୍ମିତା ପଣ୍ଡା, ପ୍ରିୟଦର୍ଶିନୀ ପଣ୍ଡା, ନିରୁପମା ସାହୁ, ରଜତ କୁମାର ବଳ ଓ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଅମରେନ୍ଦ୍ର ପରିଡାଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକମାନେ ପରିଚାଳନାରେ ସହଯୋଗ କରିଥିଲେ।





କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

# ଅଣ୍ଡରା ଶ୍ରୀରାମ ମନ୍ଦିରରେ ଶ୍ରୀରାମ ଚରିତ ମାନସ

**ପଟ୍ଟାମୁଣ୍ଡାଇ, ୧୫।୪(କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଣ୍ଡରା ଶ୍ରୀରାମ ସେବକ ସଂଘ ପକ୍ଷରୁ ସ୍ଥାନୀୟ ଶ୍ରୀରାମ ମନ୍ଦିରଠାରେ ୪୩ତମ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ପ୍ରବଚନ ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାମ ସେବକ ସଂଘ ସଭାପତି ବସନ୍ତ ସ୍ୱାଇଁଙ୍କ ପୌରୋହିତ୍ୟ ଓ ଉପସଭାପତି ପ୍ରାଧ୍ୟାପକ ଡ. ସୁନୀଲ କୁମାର ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରାହ୍ମଣୀ କଲେଜ ଅଧ୍ୟାପକ ଡ. ଚିନ୍ମୟ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀରାମ କଥାମୃତ ଉପରେ ଆଲୋକପାତ କରିଥିଲେ। ୯ ଦିନବ୍ୟାପୀ ଆୟୋଜିତ ପାରାୟଣ କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ସୁକାନ୍ତ କୁମାର ପାଢ଼ୀ, ନାମାଚାର୍ଯ୍ୟ ବାୟା ବାବା ଆଶ୍ରମର ସାଧୁ ହୃଷୀକେଶ ଦାସମହାରାଜ, ଦାଣ୍ଡିସାହି ପାଦୁକା ଆଶ୍ରମ ବାବା କଳ୍ପତରୁ ଦାସ ମହାରାଜ ଯୋଗଦେଇ ପ୍ରବଚନ ପାଠ କରିଥିଲେ। ବ୍ୟାସ ବଂଶୀଧର ଦାସ ପ୍ରତ୍ୟହ ଶ୍ରୀରାମ ଚରିତ ମାନସ ଓ ହନୁମାନ ଚାଳିଶା ପାଠ କରିଥିଲେ। ପଣ୍ଡିତ ପ୍ରଦୀପ ପାଢ଼ୀ ଓ ଗୁରୁଚରଣ ପଣ୍ଡା ସମସ୍ତ ନୀତିକାନ୍ତି ସମ୍ପାଦନ କରିଥିଲେ। ଏଇ ଅବସରରେ ସହସମ୍ପାଦକ ସାମଜିକ କର୍ମୀ ଚିତ୍ତ ରଞ୍ଜନ ମଲ୍ଲିକ ସଭାପତିତ୍ୱରେ ବାର୍ଷିକ ବିବରଣୀ ପୁସ୍ତିକା ଉନ୍ମୋଚନ କାର୍ଯ୍ୟକ୍ରମ ସହିତ ଆଧ୍ୟାତ୍ମିକ ଓ ସାରସ୍ୱତ ଜଗତକୁ ଉଲ୍ଲେଖନୀୟ ଅବଦାନ ପାଇଁ କବି ପ୍ରମୋଦ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ପୋଡ଼ିବା ଘଟଣା: ବିଜେଡିର ପ୍ରତିବାଦ

**କୁଜଙ୍ଗ/ପାରାଦୀପ,୧୫।୪ (ମନୋଜ ପ୍ରଧାନ/ଶରତ ରାଉତ)**

ବଲାଙ୍ଗୀର ପାଟଣାଗଡଠାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଓଡ଼ିଆ ଅସ୍ମିତାର ପରିଚୟ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିକୁ କୌଣସି ଦୁର୍ବୃତ୍ତ ଜାଳି ଦେଇଛନ୍ତି। ଏହାର ପ୍ରତିବାଦରେ କୁଜଙ୍ଗ ବିଜେଡି ପକ୍ଷରୁ ନିନ୍ଦା କରାଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ସୁଢ଼ଳ ସ୍ୱାଇଁଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରିବା ପରେ ସେଠାରେ ଏକ ପ୍ରତିବାଦ ସଭା କରିଥିଲେ। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିନାରାଣୀ ସାହୁ, ଉପାଧ୍ୟକ୍ଷ ଜ୍ଞାନଜିତ ସ୍ୱାଇଁ, ଜିଲାପରିଷଦ ସଭ୍ୟା ପୁଷ୍ପଲତା ବେହେରା, କନକ ବେହେରା, ପୂର୍ବତନ ସରପଞ୍ଚ ସଞ୍ଜୟ ସ୍ୱାଇଁ, ଜିଲା ବିଜେଡି ଉପସଭାପତି ଅରୁଣ କୁମାର ବେହେରା, ପ୍ରକାଶ ବେହେରା, ସୁରେଶ ଖଟାଇ , ବିଚିତ୍ରାନନ୍ଦ ପ୍ରଧାନ, ନାରାୟଣ ଦାସ ପ୍ରମୁଖ ସାମିଲ ହୋଇଥିଲେ। ଏହି ଅଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ସରକାର ଏହି ସ୍ପର୍ଶକାତର ଘଟଣା ପ୍ରତି ସମ୍ବେଦନଶୀଳ ନ ହେଲେ ଆଗାମୀ ଦିନରେ ବିଜେଡି ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି କହିଛନ୍ତି। ସେହିପରି ପାରାଦୀପ ବିଜେଡି ପକ୍ଷରୁ କୁମରବର ନାୟକଙ୍କ ନେତୃତ୍ୱରେ ଅଠରବାଙ୍କୀ ପ୍ରତିମୂର୍ତ୍ତି ନିକଟରେ ପ୍ରତିବାଦ କରାଯାଇଛି।



ବିଜେଡିର ପ୍ରତିବାଦ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ନେତା ଓ କର୍ମୀମାନେ।

# ପୁନର୍ବାସ ସମାଚାରର ୱେବ୍ ସଂସ୍କରଣ ପାଠକାର୍ପିତ



ୱେବ ସଂସ୍କରଣ ପାଠକାର୍ପିତରେ ଖବରଦାତା ଆଶିଷ ସେନାପତି, ବିରଜା ରାଉତରାୟ।

**କେନ୍ଦ୍ରାପଡ଼ା,୧୫।୪ (ଜଗନ୍ନାଥ ଧଳ)**

ଭିନ୍ନକ୍ଷମତା ସମ୍ପର୍କିତ ବିକାଶଶୀଳ ଖବର, ତଥ୍ୟ ଓ ବିବିଧ ଆଲେଖ୍ୟ ପ୍ରକାଶ କରୁଥିବା ସ୍ୱତନ୍ତ୍ର ଦ୍ୱି-ମାସିକ ଦ୍ୱି-ଭାଷିକ ସମ୍ବାଦପତ୍ର 'ପୁନର୍ବାସ ସମାଚାର'ର ୱେବ ସଂସ୍କରଣ ସୋମବାର ଉନ୍ମୋଚିତ ହୋଇଯାଇଛି। ଉଭୟ ଇଂଲିଶ ଓ ଓଡ଼ିଆ ଭାଷାରେ ଏହି ସଂସ୍କରଣ ହେଉଛି। ଦୈନିକ ଜାତୀୟ ଇଂଲିଶ ଖବରକାଗଜର ବରିଷ୍ଠ ଖବରଦାତା ଆଶିଷ କୁମାର ସେନାପତି କେନ୍ଦ୍ରାପଡ଼ା ସହର ମାଧପୁରସ୍ଥିତ ପୁନର୍ବାସ କାର୍ଯ୍ୟାଳୟଠାରେ ଏହି ନୂତନ ୱେବ ସଂସ୍କରଣକୁ ପାଠକାର୍ପିତ କରିଥିଲେ। ଏହି ସଂସ୍କରଣ ଦ୍ୱାରା ଭିନ୍ନକ୍ଷମତା ସମ୍ପର୍କିତ ଅନେକ ଉପାଦେୟ ତଥ୍ୟ, ବିଷୟବସ୍ତୁ, ସୂଚନା, ବ୍ୟକ୍ତିତ୍ୱ ଓ ସାମ୍ପ୍ରତିକ ବିକାଶଶୀଳ ଖବର ସମ୍ପର୍କରେ ଭିନ୍ନକ୍ଷମ, ସାଧାରଣ ପାଠକ ଓ ଏହି କ୍ଷେତ୍ର ସହ ଜଡିତ ବ୍ୟକ୍ତିବିଶେଷ ମଧ୍ୟ ଏଥିରୁ ଉପକୃତ ହୋଇପାରିବେ ବୋଲି ମୁଖ୍ୟଅତିଥି ସେନାପତି ମତବ୍ୟକ୍ତ କରିଥିଲେ। ଏହାର ମୁଖ୍ୟ ସମ୍ପାଦକ ବିରଜା ରାଉତରାୟ ସମାଜ ଭିତରେ ଥାଇ ସୁଦ୍ଧା ତଥ୍ୟ ଓ ଯଥାର୍ଥ ସୂଚନାର ଅଭାବ ଭିନ୍ନକ୍ଷମ ବ୍ୟକ୍ତି ବିଶେଷମାନଙ୍କ ସାମଗ୍ରିକ ଅନଗ୍ରସରତାର ଅନ୍ୟ ଏକ ପ୍ରମୁଖ କାରଣ ବୋଲି ମତବ୍ୟକ୍ତ କରିଥିଲେ। ଏହି ୱେବ ସଂସ୍କରଣ ସେମାନଙ୍କ ଅଧିକ ନିକଟବର୍ତ୍ତୀ ହୋଇ ସଚେତନତା ସୃଷ୍ଟି କରିପାରିବ ବୋଲି କହିଥିଲେ। ଏହି ଅବସରରେ ସମ୍ପାଦିକା ବନସ୍ମିତା ନାୟକଙ୍କ ସମେତ ସମ୍ବାଦପତ୍ର ଓ ପୁନର୍ବାସ ଅନୁଷ୍ଠାନ ସହ ଜଡିତ ସଦସ୍ୟ ବଂଶୀଧର ମହାନ୍ତି, ମହମ୍ମଦ ଜାହିଦ୍ ଖାନ୍, ସଞ୍ଜୀବ କୁମାର ଜେନା ଓ ପ୍ରତାପ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# କବି ନିରାକାର ପାଇବେ ବାଞ୍ଛାନିଧି ସ୍ମାରକୀ ସମ୍ମାନ

**କେନ୍ଦ୍ରାପଡା, ୧୫।୪ (ଜଗନ୍ନାଥ ଧଳ)**

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଜାତୀୟ କବି ବାଞ୍ଛାନିଧି ସ୍ମୃତି ପରିଷଦ ମିଳିତ ସହଯୋଗରେ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ଜୟନ୍ତୀ ଉତ୍ସବ ଭଦ୍ରକ ଜିଲା ସଂସ୍କୃତି ଭବନରେ ଆସନ୍ତା ୨୦ ତାରିଖରେ ଅନୁଷ୍ଠିତ ହେବ। ଏହି ଉତ୍ସବରେ ରାଜ୍ୟର ବରିଷ୍ଠ କବି ତଥା କେନ୍ଦ୍ରାପଡ଼ା ଜିଲାର ନିରାକାର ଦାସଙ୍କୁ ଜାତୀୟ କବି ବାଞ୍ଛାନିଧି ସ୍ମାରକୀ ସମ୍ମାନରେ ସମ୍ମାନିତ କରାଯିବ। ପରିଷଦ ସଭାପତି ଡ. ଦୁର୍ଯ୍ୟୋଧନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିବା ସହ ସମ୍ପାଦକ କୃଷ୍ଣଚନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି। କବି ଦାସଙ୍କ ଭିନ୍ନ ଇଲାକାର ସ୍ୱର, ମହରଗ, ପାଦେ ମାଟିର ସ୍ୱପ୍ନ, ଏ ଯୁଦ୍ଧ ନୁହେଁ ତୁମାର, ଅସରନ୍ତି ଯାତ୍ରା, ବିଦୀର୍ଣ୍ଣ ବସୁଧା, ମୁଁ ସର୍ବହରାର କବି, ସ୍ୱର ସମୟର ଆଦି କବିତା ପୁସ୍ତକ ଓଡ଼ିଆ ବାଣୀ ଭଣ୍ଡାରକୁ ସମୃଦ୍ଧ କରିଛି। ଏଥିସହ ସାହିତ୍ୟ କ୍ଷେତ୍ରରେ ଅନନ୍ୟ ଅବଦାନ ପାଇଁ ପୂର୍ବରୁ ବିଭିନ୍ନସ୍ତରରେ ସେ ସମ୍ମାନିତ ହୋଇଛନ୍ତି।

# ଏଣ୍ଡୁଲାପୁର ଗାଁର ୨୦ ପରିବାର ପାଣି ପାଇଁ ବିଡିଓଙ୍କୁ ଫେରାଦ

**ରାଜକନିକା,୧୫।୪ (ରବୀନ୍ଦ୍ର କୁମାର ଦାସ)**

ରାଜକନିକା ବ୍ଲକ ଜୟନଗର ପଞ୍ଚାୟତ ଏଣ୍ଡୁଲାପୁର ଗାଁରେ ପାନୀୟ ଜଳର ସୁବିଧା ନାହିଁ। ୨ ବର୍ଷ ହେବ ଟ୍ୟୁବ୍‌ୱେଲରୁ ବାହାରୁଛି ଲୁଣିପାଣି, ପାନୀୟ ଜଳ ପ୍ରକଳ୍ପ ଧର୍ମକୁ ଆଖିଠାର, ଏମିତି ସମସ୍ୟା ଗାଁରେ ଦେଖିବାକୁ ମିଳିଛି। ପାଖାପାଖି ୨୦ ପରିବାରର ଶହେ ଲୋକ ନିର୍ଭର କରୁଥିବା ଟ୍ୟୁବ୍‌ୱେଲରୁ ବାହାରୁଛି ଲୁଣାପାଣି। ବାରମ୍ବାର ଅଭିଯୋଗ ପରେ ବି ପ୍ରଶାସନ ଶୁଣୁନାହିଁ। ଏଣ୍ଡୁଲାପୁର ଗାଁର ମହିଳାମାନେ ମଙ୍ଗଳବାର ବିଡିଓ କୈଳାସ ଚନ୍ଦ୍ର ମହାଳିକଙ୍କୁ ଅଭିଯୋଗ କରିବା ସହ ଲୁଣାପାଣିକୁ ବଟଲରେ ଆଣି ଦେଖାଇଥିଲେ। ଏହାପରେ ବିଡିଓ ତଦନ୍ତ କରି ତୁରନ୍ତ ପାନୀୟ ଜଳର ସୁବନ୍ଦୋବସ୍ତ କରାଯିବ ବୋଲି ସେମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।



ମହିଳାମାନେ ବିଡିଓଙ୍କୁ ପାନୀୟ ଜଳ ଯୋଗାଇ ଦେବାକୁ ଫେରାଦ ହେଉଛନ୍ତି।

# ମହୁରିଆ ଦଣ୍ଡା ମହାବୀରଙ୍କ ପୂଜା ଉତ୍ସବ

**ପାଟକୁରା ୧୫।୪(ରବୀନ୍ଦ୍ର ନାଥ ବାରିକ)**

ଗରଦପୁର ବ୍ଲକ ଅଧୀନ ବେଡାରୀ ମହୁରିଆ ଦଣ୍ଡା ହନୁମାନ ପୀଠରେ ମହାବୀରଙ୍କ ଜନ୍ମ ବାର୍ଷିକ ପୂଜା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ସକାଳେ ଶ୍ରଦ୍ଧାଳୁ, ମହିଳା ଓ ପୁରୁଷ କଳସ ଶୋଭାଯାତ୍ରାରେ ବେଡାରୀ ଗ୍ରାମ ପରିକ୍ରମା କରି ପବିତ୍ର ଚିତ୍ରୋତ୍ପଳା ନଦୀରେ ପୂଜାପାଠ କରି କଳସରେ ଜଳ ଆଣି ପୂଜା ପୀଠ ନିକଟରେ ସ୍ଥାପନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଭାବେ ସୌଭାଗ୍ୟ ପଣ୍ଡା ଓ ସହକାରୀ ଆଚାର୍ଯ୍ୟ ଶିଶିର ମିଶ୍ର ମହାବୀରଙ୍କ ପୂଜାର୍ଚ୍ଚନା କରିଥିଲେ। ଏହାକୁ ପରିଚାଳନା କମିଟିର ମୁଖ୍ୟ ଭାବେ ଉମେଶ ଦାଶ, କର୍ତ୍ତା ଭାବେ ହିମାଂଶୁ ଭୂୟାଁ ଓ ସସ୍ମିତା ଭୂୟାଁ କାର୍ଯ୍ୟ ତୁଲାଇଥିଲେ।

# ଆମ୍ବେଡକରଙ୍କ ଜୟନ୍ତୀରେ ପ୍ରତିମୂର୍ତ୍ତି ଲୋକାର୍ପିତ

**ଡେରାବିଶ, ୧୫।୪ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ଅଧୀନ ମଙ୍ଗଳପୁର ପଞ୍ଚାୟତର ହଳଦିଆପାଟଣାସ୍ଥିତ ଡ. ଆମ୍ବେଡକର ଯୁବକ ସଂଘ ଓ ପାଠାଗାର ପରିସରରେ ବାବାସାହେବଙ୍କ ଜୟନ୍ତୀ ଓ ପ୍ରତିମୂର୍ତ୍ତି ଲୋକାର୍ପିତ ଉତ୍ସବ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଯୁବକ ସଂଘ ଓ ପାଠାଗାରର ସଭାପତି ପ୍ରଫେସର ବସନ୍ତ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅର୍ଥନୈତିକ ଓ ସାମାଜିକ ସମାନତାର ଅଧିକାର ପ୍ରଦାନ ପାଇଁ ସମ୍ବିଧାନ ପ୍ରଣେତା ବାବାସାହେବଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ ଏବଂ ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ସ୍ତମ୍ଭକାର ମାନସ ଜେନା, ପ୍ରଫେସର ଉମେଶ ଚନ୍ଦ୍ର ମଲିକ, ସାମାଜିକ କର୍ମୀ ସଂଗ୍ରାମ ମଲିକ ଓ ଧର୍ମେନ୍ଦ୍ର ସିଂହ, ସରପଞ୍ଚ ଇତିଶ୍ରୀ ନାୟକ ଓ ଆଇନଜୀବୀ ସ୍ୱରାଜରାଜ ସିଂହ ଯୋଗଦେଇଥିଲେ। ଏହି ଅବସରରେ ପାଠାଗାର ପରିସରରେ ବାବାସାହେବଙ୍କ ପୂର୍ଣ୍ଣାୟବ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରାଯାଇଥିଲା। ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ ସହ ସଭା ସଂଯୋଜନା କରିଥିବା ବେଳେ ଯୁବକ ସଂଘର ସାଧାରଣ ସମ୍ପାଦକ ଉତ୍ତମ କୁମାର ମଳିକ ବାର୍ଷିକ ବିବରଣୀ ପଠନ ଓ ଶେଷରେ ସମ୍ପାଦକ (ସଂସ୍କୃତି) ତ୍ରିଲୋଚନ ମଳିକ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ପ୍ରଫେସର ବିଭୂତି ଭୂଷଣ ମଳିକ ଓ ରାଜେନ୍ଦ୍ର କୁମାର ମଳିକଙ୍କ ସମେତ ଉପସଭାପତି ଭଜହରି ମଳିକ, ସମ୍ପାଦକ(ପାଠାଗାର) ଜୟନ୍ତ କୁମାର ମଳିକ ଓ ସହସମ୍ପାଦକ ମାନସ ରଞ୍ଜନ ମଳିକଙ୍କ ସମେତ ପୂର୍ବତନ ଜିଲା ପରିଷଦ ସଭ୍ୟ ଭବାନୀ ଓଝା, ସାମାଜିକ କର୍ମୀ ରବୀନ୍ଦ୍ର ମଳିକ, ପ୍ରଫୁଲ୍ଲ ସିଂହ ଓ ରଞ୍ଜନ କୁମାର ମଳିକ ପ୍ରମୁଖ ଉପସ୍ଥିତ ଥିଲେ।



ଆମ୍ବେଡକରଙ୍କ ଲୋକାର୍ପିତ ମୂର୍ତ୍ତି।

# ମହିଳାଙ୍କୁ ସୁରକ୍ଷା ଦାବିରେ କଂଗ୍ରେସର ମଶାଲ ଶୋଭାଯାତ୍ରା

**ଆଳି୧୫।୪(ବନମାଳୀ ସେନାପତି)**

ଭାଜପା ସରକାର ରାଜ୍ୟରେ ମହିଳାମାନଙ୍କୁ ସୁରକ୍ଷା ଯୋଗାଇ ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଏହି ଡବଲ ଇଞ୍ଜିନ ସରକାର ଆସିବା ଦିନ ଠୁ ମହିଳାମାନେ ବେଶୀ ଅସୁରକ୍ଷିତ ହୋଇପଡିଛନ୍ତି। ମହିଳାମାନଙ୍କୁ ସୁରକ୍ଷା ଯୋଗାଇ ଦେବା ନିମନ୍ତେ କଂଗ୍ରେସ ଆନ୍ଦୋଳନ ପନ୍ଥା ଆପଣେଇଛି। ଦିନକୁଦିନ ନାରୀ ନର୍ଯାତନା ବୃଦ୍ଧି ପାଉଥିବାରୁ କଂଗ୍ରେସ ଓଡ଼ିଶା ସରକାରଙ୍କ ବିଫଳତା ବିରୋଧରେ ଆନ୍ଦୋଳନ ଆରମ୍ଭ କରିଛି। ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନକ୍ରମେ ଆଳି ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ନେତା ଡା. ଦେବସ୍ମିତା ଶର୍ମାଙ୍କ ନେତୃତ୍ୱରେ ମଙ୍ଗଳବାର ସନ୍ଧ୍ୟାରେ ଏକ ବିଶାଳ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନିଆଳ ହାଟରୁ ମଶାଲ ଶୋଭାଯାତ୍ରା ବାହାରି ନିଆଳ ଗ୍ରାମ ଦେଇ ଆଳି ନୂଆବଜାର, ଚମାରକଟି ବଜାରରେ ଶେଷ ହୋଇଛି। ଶୋଭାଯାତ୍ରାରେ କଂଗ୍ରେସର ବ୍ଲକ ସଭାପତି ରବି ନାରାୟଣ ବେହେରା, ମିନତି ଦାସ, ବାସନ୍ତୀ ବେହେରା, ରଶ୍ମିତା ଦାସ, କନକ ସେଠୀ, ଗୌରୀ ସେଠୀ, ସୁହାନା ବେଗମ, ଆଳି ବ୍ଲକ ପର୍ଯ୍ୟବେକ୍ଷକ ବାବୁରାମ ଜେନା, ନକୁଳ ପରିଡା, ବାସୁଦେବ କର, ସର୍ବେଶ୍ୱର ସାମଲ, ବିଜୟ ସାମଲ, ସରତ ଜେନା, ବୀରେନ୍ଦ୍ର ପଣ୍ଡା, ସରୋଜ ଜେନା, ରାଜମୋହନ ସ୍ୱାଇଁ, ନୀଳମଣି ସେଠୀ, ସତ୍ୟରଞ୍ଜନ ରାଉତରାୟ, ରାକେଶ ଦାସଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ।





ଆଳିରେ ଡା. ଦେବସ୍ମିତା ଶର୍ମାଙ୍କ ନେତୃତ୍ୱରେ ବାହାରିଥିବା ମଶାଲ ଶୋଭାଯାତ୍ରା।

**ପାଟକୁରା,(ରବୀନ୍ଦ୍ର ନାଥ ବାରିକ):** ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଦାସଙ୍କ ଆହ୍ୱାନକ୍ରମେ ପାଟକୁରା କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଓ ମହିଳା ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ଗରଦପୁର ତହସିଲ ଛକରୁ ମଶାଲ ଶୋଭାଯାତ୍ରା କରି ହାଟଛକ ପର୍ଯ୍ୟନ୍ତ ଯାଇଥିଲେ। ରାଜ୍ୟର ଭାଜପା ସରକାରଙ୍କ ବିରୋଧରେ ବିଭିନ୍ନ ନାରାବାଜି କରିଥିଲେ। ହାଟ ଛକଠାରେ ପ୍ରତିବାଦ ସଭା କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଯୁବ ନେତା ସୁବାସ ସାମଲ, ଜ୍ୟୋତିରଞ୍ଜନ ପରିଡା, ପର୍ଯ୍ୟବେକ୍ଷକ ରାଜକିଶୋର ମିଶ୍ର, ନିରଞ୍ଜନ ରାଉତ, କୁମର ପାଣି, ରମାକାନ୍ତ ସ୍ୱାଇଁ, ଅଜୟ ନାୟକଙ୍କ ସମତେ ଯୁବ ଓ ଛାତ୍ର କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

**ରାଜକନିକା, (ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ):** ଆଳି ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟିକା ପ୍ରାର୍ଥୀ ଡା. ଦେବସ୍ମିତା ଶର୍ମାଙ୍କ ନେତୃତ୍ୱରେ ରାଜକନିକା ବ୍ଲକ କଂଗ୍ରେସ ପକ୍ଷରୁ ଅଶୋକବଜାରସ୍ଥିତ କଂଗ୍ରେସ କାର୍ଯ୍ୟାଳୟରୁ ଏକ ମଶାଲ ଶୋଭାଯାତ୍ରା ବାହାରି ଚନ୍ଦନ ପୋଖରୀ ଛକ ଦେଇ କଣ୍ଟପଡ଼ା ବଜାର ପରିକ୍ରମା କରିଥିଲା। ଏହି ମଶାଲ ଶୋଭାଯାତ୍ରାରେ ବ୍ଲକ କଂଗ୍ରେସ ସଭାପତି ମଙ୍ଗୁଳି ଚରଣ ବେହେରା, ପର୍ଯ୍ୟବେକ୍ଷକ ସତ୍ୟପ୍ରିୟ ସାମଲ, ସରପଞ୍ଚ ଦୁର୍ଯ୍ୟୋଧନ ମହାନ୍ତି, ପିସିସି ସଭ୍ୟ ବାବୁରାମ ଜେନା, ନାରୀ ନେତ୍ରୀ ପ୍ରମିଳା ସାହୁ, ସରପଞ୍ଚ ଝରଣା ବେହେରା, ସମିତି ସଭ୍ୟ ଶରତ ରାଉତ, ସମିତି ସଭ୍ୟ ଅମିତ ନାୟକ, ସତ୍ୟବ୍ରତ ପରିଡା, ପ୍ରମୋଦ ପତିଙ୍କ ସମେତ ଶତାଧିକ ମହିଳାପୁରୁଷ କଂଗ୍ରେସ କର୍ମୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ଉପାଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

**ଜଗତ୍‌ସିଂହପୁର ପୌର ପରିଷଦ**

■ ବଦଳୁଛି ରାଜନୈତିକ ସମୀକରଣ

ଜଗତ୍‌ସିଂହପୁର, ୧୫।୪ (ପ୍ରମୋଦ ନାୟକ)

ଦୀର୍ଘ ୩ ବର୍ଷ ପରେ ଜଗତ୍‌ସିଂହପୁର ପୌର ପରିଷଦ ରାଜନୈତିକ ସମୀକରଣ ବଦଳୁଥିବା ଲକ୍ଷ୍ୟ କରାଯାଉଛି। ପରିଷଦ ୧୪ ନଂ. ୱାର୍ଡ ଭାଜପା କାଉନ୍‌ସିଲର ତଥା ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିଛି। ମଙ୍ଗଳବାର ପରିଷଦର ମୋଟ ୨୧ କାଉନ୍‌ସିଲରଙ୍କ ମଧ୍ୟରୁ ୧୩ ଜଣ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଜ୍ୟୋତିଶଙ୍କର ରାୟଙ୍କୁ ସାକ୍ଷାତ୍ କରି ଏହି ପ୍ରସ୍ତାବ ଆଣିଛନ୍ତି। ଗତ ପୌର ନିର୍ବାଚନରେ ରାଜେନ୍ଦ୍ର କଂଗ୍ରେସ ଓ ସ୍ୱାଧୀନ କାଉନ୍‌ସିଲରଙ୍କ ସମର୍ଥନରେ ଉପାଧ୍ୟକ୍ଷ ହୋଇଥିବାବେଳେ ଏବେ କିନ୍ତୁ ଚିତ୍ର ବଦଳିଛି। ଏନେଇ ଆଲୋଚନା ଜୋର ଧରିଛି। ଏ ସମ୍ପର୍କରେ କାଉନ୍‌ସିଲର ମେନକା ବେହେରା (ୱାର୍ଡ ୧), ମିଲି ସେଠୀ (ୱାର୍ଡ ୨), ଜୟନ୍ତୀ ମାହାଲି (ୱାର୍ଡ ୩), ସୋନାଲି ସିଂହ (ୱାର୍ଡ ୪), ରୋଜାଲିନ ଦାଶ (ୱାର୍ଡ ୬), ଗୋଲାମ ଅଲ୍ଲୀ ଖାଁ (ୱାର୍ଡ ୭), କିରଣକାନ୍ତୀ ଦାସ (ୱାର୍ଡ ୮), ସୁମନ୍ତ ସେଠୀ (ୱାର୍ଡ ୧୦), ପ୍ରଭାତୀ ସାହୁ (ୱାର୍ଡ ୧୨), ମନୋଜ ମହାନ୍ତି (ୱାର୍ଡ ୧୫), ଅନାମ ଚରଣ ସେଠୀ (ୱାର୍ଡ ୧୬), ଦେବାଶିଷ ସ୍ୱାଇଁ (ୱାର୍ଡ ୧୭) ଓ ଦୀପ୍ତିରଞ୍ଜନ ସାହୁ (ୱାର୍ଡ ୨୦) ପ୍ରମୁଖ ଦର୍ଶାଇଛନ୍ତି ଉପାଧ୍ୟକ୍ଷ ନିର୍ବାଚିତ ହେବା ପରଠାରୁ ରାଜେନ୍ଦ୍ର ନିଜ ଦାୟିତ୍ୱରେ ଅବହେଳା ପ୍ରଦର୍ଶନ କରୁଛନ୍ତି। ଏପରି କି ବିଭିନ୍ନ ୱାର୍ଡ ପ୍ରତି ପକ୍ଷପାତିତା ମନୋଭାବ ପୋଷଣ କରୁଛନ୍ତି। ଏପ୍ରିଲ ୧୦ରେ ଏନେଇ ପରିଷଦର ସଦସ୍ୟା/ସଦସ୍ୟମାନେ ପରିଷଦ ଅନ୍ତର୍ଗତ କାଳିଆବୋରାସ୍ଥିତ ନୀଳକଣ୍ଠେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଏକ ସ୍ୱତନ୍ତ୍ର ବୈଠକର ଆୟୋଜନ କରିଥିଲେ। ୱାର୍ଡ ନଂ.୧୫ କାଉନ୍‌ସିଲର ମନୋଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଉପାଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ଉପରେ ଆଲୋଚନା ହୋଇଥିଲା। ଏଥିରେ କାଉନ୍‌ସିଲରମାନେ ସେମାନଙ୍କ ଅସନ୍ତୋଷ ପ୍ରକାଶ କରିଥିଲେ। ବିଶେଷକରି ପରିଷଦର ବିଭିନ୍ନ ସ୍ୱତନ୍ତ୍ର ଅଧିବେଶନରେ ଉପାଧ୍ୟକ୍ଷଙ୍କ କାର୍ଯ୍ୟ ସନ୍ତୋଷଜନକ କିମ୍ବା ଉତ୍ସାହଜନକ ହେଉନଥିବା କୁହାଯାଇଥିଲା। ଉନ୍ନତିମୂଳକ କାର୍ଯ୍ୟରେ ଉପାଧ୍ୟକ୍ଷଙ୍କ କୌଣସି ସହଯୋଗିତା କିମ୍ବା ସହଭାଗିତା ରହୁନାହିଁ। ପରିଷଦ ବିଭିନ୍ନ କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ଏକପାଖିଆ ନିଷ୍ପତ୍ତି ନେଇ କାର୍ଯ୍ୟ କରୁଛନ୍ତି। ୩ ବର୍ଷ ଧରି ରାଜେନ୍ଦ୍ର ଉପାଧ୍ୟକ୍ଷ ଦାୟିତ୍ୱ ନେଇ ଆସୁଥିଲେ ସୁଦ୍ଧା ସେ ନିଜର ବ୍ୟକ୍ତିଗତ ସ୍ୱାର୍ଥ ଛଡ଼ା ପରିଷଦର ଉନ୍ନତି କିମ୍ବା ପ୍ରଗତି ବିଷୟରେ ଦିନେ ହେଲେ ଚିନ୍ତା କରିନାହାନ୍ତି। କୌଣସି ଉନ୍ନତିମୂଳକ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ପାଇଁ ପଦକ୍ଷେପ ନେଇନାହାନ୍ତି। ପରିଷଦମାନେ ଏହିଭଳି ପ୍ରତିକ୍ରିୟା ପ୍ରକାଶ କରି ଶେଷରେ ଅନାସ୍ଥା ପ୍ରସ୍ତାବ ଆଣିବା ଉପରେ ସର୍ବସମ୍ମତ ନିଷ୍ପତ୍ତି ନେଇଥିଲେ। ଏ ସମ୍ପର୍କରେ ଉପାଧ୍ୟକ୍ଷ ରାଜେନ୍ଦ୍ରଙ୍କୁ ପଚାରିବାରୁ, ସମସ୍ତ କାଉନ୍‌ସିଲରଙ୍କ ସହ ସୁସମ୍ପର୍କ ରଖିବା ସହ ପୌରାଞ୍ଚଳର ଉନ୍ନତି ପାଇଁ ସେ ସର୍ବଦା ଉଦ୍ୟମ ଜାରି ରଖିଛନ୍ତି। ତେବେ କେଉଁ ପରିସ୍ଥିତିରେ କାଉନ୍‌ସିଲରମାନେ ଏଭଳି ନିଷ୍ପତ୍ତି ନେଲେ ତାହା ଜାଣିପାରିନାହାନ୍ତି ବୋଲି ରାଜେନ୍ଦ୍ର କହିଛନ୍ତି।

ସୂଚନାଯୋଗ୍ୟ, ୨୦୨୨ ପୌର ନିର୍ବାଚନ ସମୟରେ ଜଗତ୍‌ସିଂହପୁର ପୌର ପରିଷଦର ମୋଟ ୨୧ ୱାର୍ଡ ମଧ୍ୟରୁ ରାଜେନ୍ଦ୍ରଙ୍କ ସପକ୍ଷରେ ୧୧ଟି ଭୋଟ ଯାଇଥିଲା। କଂଗ୍ରେସର ୭, ଭାଜପା ୨ ଓ ସ୍ୱାଧୀନର ୨ ଜଣ କାଉନ୍‌ସିଲର ଏକାଠି ହେବାରୁ ରାଜେନ୍ଦ୍ର ବିଜୟୀ ହୋଇଥିଲେ।


ଅତିରିକ୍ତ ଜିଲାପାଳ ଜ୍ୟୋତିଶଙ୍କର ରାୟଙ୍କୁ କାଉନ୍‌ସିଲରମାନେ ଅନାସ୍ଥା ପ୍ରସ୍ତାବ ପ୍ରଦାନ କରୁଛନ୍ତି।








# ବଳାତ୍କାରୀକୁ ୨୦ବର୍ଷ ଜେଲ, ଜରିମାନା

**ନାବାଳିକାଙ୍କୁ ଗର୍ଭବତୀ କରାଇବା ମାମଲା**

ଯାଜପୁର ଟାଉନ, ୧୫।୪ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଜଣେ ନାବାଳିକାଙ୍କୁ ବଳାତ୍କାର କରି ଗର୍ଭବତୀ କରାଇବା ମାମଲାରେ ବିଚାର କରି ଯାଜପୁର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ଶରତ କୁମାର ଦେହୁରୀ ବଳାତ୍କାରୀଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷ ଜେଲଦଣ୍ଡ ଓ ୫୦ହଜାର ଟଙ୍କା ଜରିମାନା ପାଇଁ ମଙ୍ଗଳବାର ରାୟ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଜଣେ ନାବାଳିକା ବିଂଝାରପୁର ଥାନା ଅନ୍ତର୍ଗତ ଅରେଇ ପଦାସାହି ଗ୍ରାମର ନିଜ ମାମୁ ଘରେ ରହି ପାଠ ପଢୁଥିଲେ। ସେହି ଗ୍ରାମର ବିକାଶ ଜେନା(୪୧) ନାମକ ଜଣେ ବିବାହିତ ଯୁବକ ତାଙ୍କୁ ବାରମ୍ବାର ପ୍ରେମ ନିବେଦନ କରିଆସୁଥିଲେ। ମାଟ୍ରିକ ପରୀକ୍ଷାରେ ପାସ୍ ହେବା ପରେ ନାବାଳିକା ଜଣକ ନିଜ ଘରକୁ ଚାଲିଯାଇଥିଲେ। ସେଠାରେ ରହି କଲେଜରେ ପାଠ ପଢୁଥିଲେ। ଏହି ସମୟରେ ସେ ଥରେ ମାମୁ ଘରକୁ ବୁଲିବାକୁ ଆସିଥିଲେ। ୨୦୧୯ ମାର୍ଚ୍ଚ ୨୮ ତାରିଖ ଦିନ ଏକୁଟିଆ ପାଇ ବିକାଶ ତାଙ୍କୁ ବଳାତ୍କାର କରିଥିଲେ। ଏହାପରେ ବିକାଶ ନାବାଳିକାଙ୍କୁ ଭୁଜାଲି ଦେଖାଇ ଏ କଥା କାହାକୁ ନ କହିବାକୁ ଧମକ ଦେଇଥିଲେ। ଏହାର ୫ ମାସ ପରେ ନାବାଳିକା ଜଣକ ଅସୁସ୍ଥ ହୋଇପଡିବାରୁ ପରିବାର ଲୋକେ ତାଙ୍କୁ ଯାଜପୁର ଡାକ୍ତରଖାନାକୁ ଆଣିଥିଲେ। ଆବଶ୍ୟକ ପରୀକ୍ଷା ପରେ ସେ ଗର୍ଭବତୀ ଥିବା ଜଣାପଡିଥିଲା। ଏ ସଂକ୍ରାନ୍ତରେ ନାବାଳିକାଙ୍କୁ ପଚରାଉଚରା କରିବାରୁ ସେ ସମସ୍ତ ଘଟଣା କହିଥିଲେ। ଏହା ପରେ ପୀଡ଼ିତାଙ୍କ ମା' ୨୦୧୯ ଅଗଷ୍ଟ ୧୩ ତାରିଖରେ ଏନେଇ ବିଂଝାରପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୧୮୯/୧୯) ରୁଜୁ କରି ବିକାଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ନାବାଳିକାଙ୍କ ଗର୍ଭପାତ କରାଯାଇପାରି ନ ଥିଲା। ନାବାଳିକା ଜଣକ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ଏହି ମାମଲାର ଚୂଡ଼ାନ୍ତ ଶୁଣାଣି କରି ୧୩ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତ୍ତିକରି ମଙ୍ଗଳବାର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ଦେହୁରି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ଏହି ଜରିମାନା ଅନାଦୟେ ଅଧିକ ୨ବର୍ଷ ଜେଲଦଣ୍ଡ ଭୋଗ କରିବା ପାଇଁ କୋର୍ଟ ରାୟରେ ପ୍ରକାଶ କରିଛନ୍ତି। ଏହି ସହିତ ପୀଡ଼ିତାଙ୍କୁ ୭ଲକ୍ଷ ଟଙ୍କା ଓ ତାଙ୍କ ଜନ୍ମିତ ପୁତ୍ରଙ୍କୁ ୪ଲକ୍ଷ ଟଙ୍କା କ୍ଷତିପୂରଣ ଦେବାପାଇଁ ଜିଲା ଆଇନ ସେବା ପ୍ରାଧିକରଣକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାଟିକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସ୍ୟୁକ୍ୟୁଟର ପ୍ରାର୍ଥସାରଥି ରାୟ ପରିଚାଳନା କରିଥିଲେ। ଏହି ଘଟଣା ପରଠାରୁ ପୀଡ଼ିତା ଓ ତାଙ୍କୁ ପୁଅ ସ୍ୱାଧାରଗୃହରେ ରହୁଛନ୍ତି।

# ଆଜିଠାରୁ ବ୍ଲକ୍ କର୍ମଚାରୀଙ୍କ କଲମଛାଡ଼ ଆନ୍ଦୋଳନ


ବ୍ଲକ୍‌ର କର୍ମଚାରୀମାନେ କଲମ୍‌ଛାଡ ଆନ୍ଦୋଳନ ପାଇଁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ରଘୁନାଥପୁର, ୧୫।୪ (ରାଜେନ୍ଦ୍ର ନାରାୟଣ ସିଂହ)

**ଯନ୍ତ୍ରୀ, ଏଡିଓଙ୍କୁ ଆକ୍ରମଣ ଘଟଣା: ଅଭିଯୁକ୍ତଙ୍କୁ ଗିରଫ ଦାବି**

ଘୁନାଥପୁର ବ୍ଲକ ତରିକୁନ୍ଦଠାରେ ଏପ୍ରିଲ୍ ୧୧ରେ ଆୟୁଷ୍ମାନ୍ ଯୋଜନାର ଲୋକାର୍ପଣ ଉତ୍ସବରେ ଗଣ୍ଡଗୋଳ ହୋଇଥିଲା। ଦାୟିତ୍ୱରେ ଥିବା ଯନ୍ତ୍ରୀ ପ୍ରଦିପ୍ତା ଖୁଣ୍ଟିଆ ଏବଂ ଏଡିଇଓ ସରୋଜକାନ୍ତ ସାହୁଙ୍କୁ ଭାଜପା କର୍ମୀଙ୍କ ପକ୍ଷରୁ ଆକ୍ରମଣ କରାଯାଇଥିବା ନେଇ ଜଗତ୍‌ସିଂହପୁର ଥାନାରେ ଉକ୍ତ ଦିନ ଅଭିଯୋଗ କରାଯାଇଥିଲା। ଇତିମଧ୍ୟରେ ୫ ଦିନ ବିତି ଯାଇଥିଲେ ସୁଦ୍ଧା ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିପାରି ନାହିଁ। ଏନେଇ ବ୍ଲକରେ କାର୍ଯ୍ୟରତ ମହିଳା ଓ ପୁରୁଷ କର୍ମଚାରୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପ୍ରତିବାଦ ସ୍ୱରୂପ ବୁଧବାରଠାରୁ ରଘୁନାଥପୁର ବ୍ଲକର ସମସ୍ତ କର୍ମଚାରୀ ଶାନ୍ତିପୂର୍ଣ୍ଣ ଭାବେ କଲମ ଛାଡ଼ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ମଙ୍ଗଳବାର ଏ ସମ୍ପର୍କରେ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ବିରଞ୍ଚି ନାରାୟଣ ବେହେରାଙ୍କୁ ପ୍ରଦାନ କରାଯାଇଛି।

# ଦୁର୍ବୃତ୍ତଙ୍କ ଆକ୍ରମଣରେ ଯୁବକ ଗୁରୁତର

ବ୍ରହ୍ମବରଦା, ୧୫।୪ (ଯଯାତି କେଶରୀ ବେହେରା)

ଯାଜପୁର ଜିଲା ବ୍ରହ୍ମବରଦା ଥାନା ଅର୍ନ୍ତଗତ ମହେଶ୍ୱରପୁର ପଞ୍ଚାୟତସ୍ଥିତ ଚାନ୍ଦପୁର ଗ୍ରାମର ସେକ ମୁସ୍ତକିମଙ୍କୁ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣର କରାଯାଇଛି। ମଙ୍ଗଳବାର ସକାଳେ ମୁସ୍ତକିମ ଭୁବନେଶ୍ୱର ଯିବା ପାଇଁ ମହେଶ୍ୱରପୁର ଗ୍ରାମ ବ୍ରିଜ୍ ନିକଟରେ ଛିଡ଼ା ହୋଇଥିଲେ। ଏହି ସମୟରେ ସେହି ଗ୍ରାମର ସେକ୍ ଖାଲିତ, ସେକ ଆସିକ ମହମ୍ମଦ ଏବଂ ମାରୁଫ ମହମ୍ମଦଙ୍କ ସହ ଅନ୍ୟ ୧୦ଜଣ ଦୁର୍ବୃତ୍ତ ଅଚାନକ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କୁ ଲୁହାରଡ଼ରେ ଆକ୍ରମଣ କରିଥିଲେ। ତାଙ୍କ ମୁଣ୍ଡରେ ଆଘାତ ଲାଗିବାରୁ ସେ ତଳେ ପଡ଼ିଯାଇଥିଲେ। ତା'ପରେ ଦୁର୍ବୃତ୍ତମାନେ ତାଙ୍କ ସମ୍ବେଦନଶୀଳ ସ୍ଥାନକୁ ଗୋଇଠା ମାରିବା ସହିତ ତାଙ୍କ ବେକକୁ ଚିପି ଜୀବନରୁ ମାରିଦେବାକୁ ପ୍ରୟାସ କରିଥିଲେ। ଏପରି କି ମୁସ୍ତକିମ୍‌ଙ୍କ ମା' ପୁଅଙ୍କୁ ଉଦ୍ଧାର କରିବାକୁ ଦୌଡ଼ି ଆସିବାରୁ ଆକ୍ରମଣକାରୀମାନେ ତାଙ୍କୁ ମଧ୍ୟ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଜୀବନରୁ ମାରିଦେବୁ ବୋଲି ଧମକ ଦେଇଥିଲେ। ସେମାନେ ମୁସ୍ତକିମ ବେକରେ ପିନ୍ଧିଥିବା ରୁପା ଚେନ୍ ସହ ତାଙ୍କ ପାଖରେ ଥିବା ୫ହଜାର ଟଙ୍କା ଛଡ଼ାଇ ନେଇଥିଲେ। ଏପରି କି ମୁସ୍ତକିମଙ୍କ ମା' ହାଜରା ବିବିଙ୍କଠାରୁ ଦୁଇଟି ମୋବାଇଲ ସେମାନେ ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ। ଏନେଇ ହାଜରା ବିବି ଥାନାରେ ଲିଖିତ ଅଭିଯୋଗ କରିବାପରେ ପୋଲିସ ଏକ ମାମଲା(ନଂ.୧୧୭/୨୫) ରୁଜୁ ହୋଇ ତଦନ୍ତ ଆରମ୍ଭ କରିଛି।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com

@ ବିଷ୍ଣୁ

@ ଗୋବିନ୍ଦ

@ ମନୋରଞ୍ଜନ

@ ସୁଭଦ୍ରା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ, ଯୁବକ ଗିରଫ

ବାଲିଚନ୍ଦ୍ରପୁର, ୧୫।୪ (ଗିରିଜା ପ୍ରସାଦ ସାହୁ)

ଜଣେ ନାବାଳିକାଙ୍କୁ ଯୌନ ନିର୍ଯାତନା ଦେବା ସହିତ ତାଙ୍କ ଅଶ୍ଳିଳ ଭିଡ଼ିଓ ଭାଇରାଲ କରିବା ଅଭିଯୋଗରେ ମଙ୍ଗଳବାର ବାଲିଚନ୍ଦ୍ରପୁର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୀଡ଼ିତାଙ୍କ ପରିବାର ପକ୍ଷରୁ ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଗିରଫ ଯୁବକ ଜଣକ ହେଲେ ନୟାଗଡ଼ ଜିଲା ଗଣିଆ ଥାନା ଅଞ୍ଚଳର କାର୍ତ୍ତିକ ନାୟକ। ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୧୭୫/୨୫)ରୁଜୁ ହୋଇଛି। ପୋକ୍‌ସୋ ଆଇନ ଅନୁଯାୟୀ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ୟଙ୍ଗ୍ ଉତ୍କଳ କ୍ଲବ୍ ଚାମ୍ପିୟନ

**ରାଜ୍ୟସ୍ତରୀୟ ଡିଫା କପ୍ ଉଦ୍‌ଯାପିତ**



ଅତିଥିଙ୍କ ଗହଣରେ ଟ୍ରଫି ସହ ଖେଳାଳିମାନେ।

ଧର୍ମଶାଳା, ୧୫।୪ (ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ଫୁଟ୍‌ବଲ୍ ଆସୋସିଏଶନ୍(ଡ଼ିଫା) ପକ୍ଷରୁ ୨୭ତମ ଡ଼ିଫା କପ୍ ଓ ୭ମ ରଞ୍ଜିତ୍ ସ୍ୱାଇଁ ମେମୋରିଆଲ ରାଜ୍ୟସ୍ତରୀୟ ଫୁଟ୍‌ବଲ୍ ଟୁର୍ନାମେଣ୍ଟ ଧର୍ମଶାଳା ବାଣୀପୀଠ ପଡ଼ିଆରେ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ୍ ମିଶନ ଟାଇଗର ବାଲେଶ୍ୱର ସହିତ ୟଙ୍ଗ ଉତ୍କଳ କ୍ଲବ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧରେ କଟକ ପକ୍ଷରୁ ଦିନବନ୍ଧୁ ଦାସ ଗୋଟିଏ ଓ ବାଲେଶ୍ୱର ପକ୍ଷରୁ ଫଏଜନ୍ ମାରାଣ୍ଡି ଗୋଟିଏ ଗୋଲ୍ ସ୍କୋର୍ କରିଥିଲେ। ଦ୍ୱିତୀୟାର୍ଦ୍ଧରେ କଟକ ପକ୍ଷରୁ ବବୁଲ୍ ଦାସ ୩ଟି ଗୋଲ୍ ସ୍କୋର୍ କରିଥିଲେ। ଫଳରେ କଟକ ଟିମ୍ ୪-୧ ଗୋଲରେ ବିଜୟ ହୋଇ ଚଳିତ ବର୍ଷ ପାଇଁ ଚମ୍ପିୟନ୍ ହୋଇଛି। ଆଜିର ଖେଳରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ଦିନବନ୍ଧୁ ଦାସ, ବବୁଲ୍ ଦାସଙ୍କୁ ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ଓ ବେଷ୍ଟ ଗୋଲକିପ୍‌ର ଭାବେ ସଞ୍ଜୟ ମାରାଣ୍ଡିଙ୍କୁ ପୁରସ୍କୃତ କରାଯାଇଥିଲା। ଆଜିର ଖେଳକୁ ଚିତ୍ତରଞ୍ଜନ ଓଝା ଓ ମାନସ ବିଶ୍ୱାଳ ପରିଚାଳନା କରିଥିଲେ। ଲାଇନ୍‌ରେ ଶୈଳେଶ ପାଣି ଓ ଶେଖ୍ ସଲିମ୍ ଅହମ୍ମଦ୍ ସହାୟତା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଡ଼ିଫାର ସଭାପତି ପ୍ରମୋଦ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ଏହି ଉତ୍ସବରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଜୟ କଟକ ୟଙ୍ଗ ଉତ୍କଳ କ୍ଲବକୁ ଚମ୍ପିୟନ୍ ଟ୍ରଫି ଓ ମିଶନ ଟାଇଗର ବାଲେଶ୍ୱର ଟିମ୍‌କୁ ରନର୍ସ ଟ୍ରଫି ପ୍ରଦାନ କରିଥିଲେ। ଅନୁଷ୍ଠାନର କନ୍‌ଭେନର୍ ପ୍ରବୋଧ କୁମାର ପାତ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ।

# ନାବାଳିକାଙ୍କୁ ଅସଦାଚରଣ, ଯୁବକ କୋର୍ଟ ଚାଲାଣ

ପାଣିକୋଇଲି, ୧୫।୪ (ବିକାଶ କୁମାର ମଲିକ)

ଯାଜପୁର ଜିଲା ପାଣିକୋଇଲି ଥାନା ପୋଲିସ ଜଣେ ନାବାଳିକାଙ୍କୁ ଅସଦାଚରଣ କରିଥିବା ଯୁବକଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ପାଣିକୋଇଲି ଥାନା ବଡବିରୁହାଁ ଗ୍ରାମର ଜଣେ ୧୨ ବର୍ଷର ଝିଅ ଗ୍ରାମର ଏକ ଦୋକାନକୁ ନେଲପଲିସ କିଣିବାକୁ ଯାଇଥିଲେ। ଏହି ସୁଯୋଗରେ ଦୋକାନୀ ତଥା ସେହି ଗ୍ରାମର ପ୍ରକାଶ ସାହୁ ତାଙ୍କୁ ଅସଦାଚରଣ କରିଥିଲେ। ଏ କଥା କାହାକୁ କହିଲେ ତୋତେ ମାରିଦେବି ବୋଲି ଧମକ ଦେଇଥିଲେ। ଏକଥା ପରିବାର ଲୋକେ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୮୪/୨୫) ରୁଜୁ କରି ତଦନ୍ତ କରିଥିଲା। ମଙ୍ଗଳବାର ପ୍ରକାଶଙ୍କୁ ପୋକ୍‌ସୋ ଆଇନ ଅନୁଯାୟୀ କୋର୍ଟ ଚାଲାଣ କରାଯାଇଛି ବୋଲି ପୋଲିସ କହିଛି।

# ଜିଲାରେ ମେଡିକାଲ କଲେଜ ସ୍ଥାପନ ହେବ



ଜମ୍ବୁ ଦ୍ୱୀପ ମହୋତ୍ସବରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ସମେତ ଅନ୍ୟ ଅତିଥି।

ମହାକାଳପଡ଼ା, ୧୫।୪ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

**ଜମ୍ବୁ ଦ୍ୱୀପ ମହୋତ୍ସବ, ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ**

କେନ୍ଦ୍ରାପଡ଼ା ଜିଲା ପ୍ରସିଦ୍ଧ ଶକ୍ତିପୀଠ ମା' ଦରିଆ ରାମଚଣ୍ଡୀ ମନ୍ଦିର ପରିସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଥମ ଥର ଜମ୍ବୁ ଦ୍ୱୀପ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ୫ ଦିନିଆ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଜମ୍ବୁ ଦ୍ୱୀପ ମହୋତ୍ସବରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ ଆନୁଷ୍ଠାନିକ ଭାବେ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ସୂର୍ଯ୍ୟବଂଶୀ ମା' ରାମଚଣ୍ଡୀଙ୍କ ଦର୍ଶନ ଲାଭ କରି ଆଶିଷ ଭିକ୍ଷା କରିଥିଲେ। ପରେ ପଲ୍ଲିଶ୍ରୀ ମେଳାକୁ ଉଦ୍‌ଘାଟନ କରିଥିଲେ। ରାମଚଣ୍ଡୀ ମନ୍ଦିରଠାରେ ଜମ୍ବୁ ଦ୍ୱୀପ ମହୋତ୍ସବ ଓ ପଲ୍ଲିଶ୍ରୀ ମମେଳାକୁ ମୁଖ୍ୟ ଅତିଥି ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତିଙ୍କୁ ମନ୍ତ୍ରୀ ସୁରଜ ସମ୍ବର୍ଦ୍ଧିତ କରିଥିଲେ। ରାଜନଗର ଅଞ୍ଚଳର ଆଶା କର୍ମୀ ଶିବାନୀ ମଣ୍ଡଳଙ୍କୁ ମାନପତ୍ର ଉପଢୌକନ ପ୍ରଦାନ କରିଥିଲେ। ସେହିପରି କ୍ରୀଡା କ୍ଷେତ୍ରରେ ଶିବାନୀ ପ୍ରିୟଦର୍ଶିନୀ ପରିଡ଼ା, ଲେଖକ ବିରଜା ରାଉତରାୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏସ୍‌ଏଚଜି ମହିଳାମାନଙ୍କ ଉତ୍ପାଦିତ ଫସଲକୁ ଲୋକ ଲୋଚନକୁ ଆଣିବା, ବଳଦେବଜୀଉ ମନ୍ଦିର ସମ୍ପର୍କ କହିଥିଲେ। ଜିଲାବାସୀଙ୍କ ମେଡିକାଲ କଲେଜ ସ୍ଥାପନ ପାଇଁ ରାଜ୍ୟ ସରକାର ବଦ୍ଧ ପରିକର ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିବା ମନ୍ତ୍ରୀ ସୁରଜ କହିଛନ୍ତି। ଉପସ୍ଥିତ ଅତିଥିଙ୍କ ମଧ୍ୟରେ ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ସାଂସଦ ପ୍ରତିନିଧି ଶଶାଙ୍କ ଶେଖର ସେଠୀ, ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର, ଉପଜିଲାପାଳ ଅରୁଣ କୁମାର ନାୟକ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ହାସ୍ୟାଭିନେତା ହରିହର ମହାପାତ୍ର ଯୋଗଦେଇ ଜମ୍ବୁ ଦ୍ୱୀପର ଐତିହ୍ୟ ପରମ୍ପରା ସମ୍ପର୍କରେ ଅବଗତ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅବସରରେ ଯୋଡ଼ି ଶଙ୍ଖ, ଓଡ଼ିଶୀ ନୃତ୍ୟ ସଙ୍ଗୀତ ଆଦି ସମସ୍ତଙ୍କ ମନ ମୋହିଥିଲା।

# ସହର ସୌନ୍ଦର୍ଯ୍ୟକରଣ ବାଟବଣା: ଟ୍ରାଫିକ୍ ବିପର୍ଯ୍ୟସ୍ତ

■ବଦଳୁନି ଜିଲା ସଦର ମହକୁମାର ରୂପରେଖ
■ଭାଷଣବାଜିରେ ଅଟକିଛି ବିକାଶ

ନୟାଗଡ଼,୧୫।୪(ଲୋକନାଥ ମିଶ୍ର)


ସହରର ଟ୍ରାଫିକ୍ ଛକ ନିକଟସ୍ଥ ଓଡ଼ଗାଁ ରାସ୍ତାରେ ବୁଲାଗୋରୁ।

ନୟାଗଡ଼ ସହରର ସୌନ୍ଦର୍ଯ୍ୟକରଣ ଓ ବିପର୍ଯ୍ୟସ୍ତ ଟ୍ରାଫିକ୍‌ର ସୁଧାରିବା ପ୍ରସ୍ତାବ ବାଟବଣା ହୋଇଯାଇଛି। ଜିଲା ଗଠନର ୩୨ବର୍ଷ ପୂରିଥିଲେ ମଧ ଜିଲା ସଦର ମହକୁମାର ରୂପରେଖ ବଦଳି ପାରୁନି। ପୁରୀରୁ ନୟାଗଡ଼ ଜିଲା ପୃଥକ୍ ହେବା ପରେ ପ୍ରଶାସନ ଲୋକଙ୍କ ପାଖରେ ପହଞ୍ଚିଛି। ହେଲେ ବିକାଶ ଅଧୁରା ହୋଇ ରହିଛି। ଏଣୁ ଜିଲା ସଦର ମହକୁମା ଉପେକ୍ଷିତ ଓ ଅଣଦେଖା ହୋଇରହିଛି। କେଉଁଠି ନା କେଉଁଠି ତ୍ରୁଟି ସହରର ବିକାଶରେ ଅନ୍ତରାୟ ସୃଷ୍ଟି କରି ଭାଷଣବାଜିରେ ଝୁଲି ରହିଛି।

ନୟାଗଡ଼ ଜିଲା ସଦର ମହକୁମା ହେଲେ ବି ପ୍ଲାନ ମୁତାବକ ଗଠନ ହୋଇନାହିଁ। ଏଠାରେ ଟ୍ରାଫିକ୍ ସେବା ବିପର୍ଯ୍ୟସ୍ତ ରହିଛି। ଦୋକାନୀ ଓ ଉଠା ଦୋକାନୀ ଡ୍ରେନ ଓ ରାସ୍ତାକୁ ମାଡ଼ି ସେମାନଙ୍କ ବ୍ୟବସାୟ କରୁଛନ୍ତି। ଏଣୁ ସବୁବେଳେ ରାସ୍ତା ଜାମ୍ ହୋଇ ଟ୍ରାଫିକ୍ ସେବା ବିପର୍ଯ୍ୟସ୍ତ କରୁଛି। ସେହିଭଳି ରାସ୍ତା ଉପରେ ବାଇକ୍ ଆଦି ଯାନବାହନ ରଖିବା ରାସ୍ତାକୁ ଅନୁରୂପ ଭାବେ ଜାମ୍ କରି ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛି। ଗାଈ ଓ କୁକୁର ସହରର ବିଭିନ୍ନସ୍ଥାନରେ ଘୂରି ବୁଲି ଟ୍ରାଫିକ୍ ସେବା ବିଗାଡୁଛନ୍ତି। ଏଭଳିସ୍ଥଳେ ସହରକୁ ସୌନ୍ଦର୍ଯ୍ୟକରଣ କରିବା ଓ ଟ୍ରାଫିକ୍ ସମସ୍ୟା ଏଡାଇବା ପାଇଁ ୨୦୨୦ ନଭେମ୍ବର ୧୮ରେ ନୟାଗଡ଼ ଜିଲାପାଳ ପୋମା ଟୁଡୁ ଓ ତତ୍କାଳୀନ ଏସ୍‌ପି ପ୍ରତ୍ୟୁଷ ଦିବାକର ନୟାଗଡ଼ ସହର ପରିକ୍ରମା କରି ସହରର ରୂପରେଖକୁ ବଦଳାଇବାକୁ ନିଷ୍ପତ୍ତି ନେଇଥିଲେ। ରାସ୍ତାକଡରେ ବାଇକ୍ ରହଣି ପାଇ ପାର୍କିଂ ବ୍ୟବସ୍ଥା କରାଯିବାକୁ କହିଥିଲେ। ସହରର ଟ୍ରାଫିକ୍ ଛକ ନିକଟସ୍ଥ ଓଡ଼ଗାଁ ରାସ୍ତାର ପ୍ରାରମ୍ଭରୁ ଛକର ଗୁରୁ କ୍ଲଥ ଷ୍ଟୋର ପର୍ଯ୍ୟନ୍ତ ଡ୍ରେନର ଉଭୟପାର୍ଶ୍ୱରେ ଜିଆଇର ବାରିକେଡ ନିର୍ମାଣ କରିବାକୁ ପରାମର୍ଶ ଦେଇଥିଲେ। ସଫଳତା ମିଳିଲେ ସହରର ଅନ୍ୟତ୍ର ସ୍ଥାନରେ ଡ୍ରେନର ଉଭୟପାର୍ଶ୍ୱରେ ବାରିକେଡ ନିର୍ମାଣ ହେବ ବୋଲି କହିଥିଲେ। ପରେ ବାରିକେଡ ନିର୍ମାଣ ହେଲା। ହେଲେ ଏହା ବ୍ୟବସାୟୀଙ୍କୁ ସୁହାଇଲା। ବ୍ୟବସାୟୀମାନେ ଡ୍ରେନକୁ ନିଜ କବ୍‌ଜାରେ ରଖିଲେ। ଉଠାଦୋକାନୀମାନେ ବାରିକେଟ ବାହାରେ ପିଢ଼ି ରାସ୍ତା ଉପରେ ପସରା ମେଲାଇ ବ୍ୟବସାୟ କରୁଛନ୍ତି। ନୟାଗଡ଼ ମ୍ୟୁନିସିପାଲିଟି ଓ ପୋଲିସ ପକ୍ଷରୁ ଉଠାଦୋକାନୀ ଉପରେ କାର୍ଯ୍ୟାନୁଷ୍ଠାନ ନାହିଁ। ସହରରେ ପାର୍କିଂ ବ୍ୟବସ୍ଥା ଆଦୌ କରାଗଲାନାହିଁ। ଅନ୍ୟପକ୍ଷେ ଗୋଲେଇ ଟ୍ରାଫିକ୍ ସମେତ ଦଶପଲ୍ଲା, ଖଣ୍ଡପଡ଼ା ଓ ନୟାଗଡ଼ ରାସ୍ତାରେ ବସ ବହୁ ସମୟ ରହି ଟ୍ରାଫିକ୍ ଜାମ କରୁଥିଲେ ମଧ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଗୋଲେଇ ଟ୍ରାଫିକ୍‌ରେ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଅପବ୍ୟୟ ହେଲା। ବିପର୍ଯ୍ୟସ୍ତ ଟ୍ରାଫିକ୍ ସୁଧାରିବା ବଦଳରେ ବଢ଼ିଲା ବୋଲି ଅଭିଯୋଗ ହୋଇ ଆସୁଛି। ଏ ନେଇ କଂଗ୍ରେସର ଜିଲା ସଭାପତି ରଣଜିତ ଦାଶଙ୍କୁ ପଚାରିବାରେ ଜିଲା ଗଠନର ୩୨ ବର୍ଷ ପରେ ସଦର ମହକୁମାର ଚିତ୍ର ବଦଳିଲା ନାହିଁ। ଗାଁର ଚିତ୍ର କ'ଣ ବଦଳିବ। ଜିଲା ସଦର ମହକୁମା ଅଣଦେଖା ଓ ଉପେକ୍ଷିତ ହୋଇପଡ଼ିଥିଲେ ମଧ ଗୁରୁତ୍ୱ ନାହିଁ ବୋଲି ସେ କହିଛନ୍ତି। ସାମାଜିକ କର୍ମୀ ଚନ୍ଦ୍ର ବିଜୟୀ କହିଛନ୍ତି, ଜିଲା ସଦର ମହକୁମାର ସୌନ୍ଦର୍ଯ୍ୟକରଣକୁ ଗୁରୁତ୍ୱ ଦେବା ଉଚିତ। ଜିଲା ସଦର ମହକୁମା ନୟାଗଡ଼ ମ୍ୟୁନିସିପାଲିଟିର ମାନ୍ୟତା ପାଇ ଅଣଦେଖା ହୋଇ ରହିବା ଠିକ୍ ନୁହେଁ। ସିପିଆଇଏମ୍ ନେତା ବିଶ୍ୱନାଥ ମହାପାତ୍ର କହିଛନ୍ତି, ଜିଲା ସଦର ମହକୁମାର ବିକାଶକୁ ଅଣଦେଖା କରାଯାଉଛି। ଏହାଦ୍ୱାରା ନୟାଗଡ଼ ସହରର ସୌନ୍ଦର୍ଯ୍ୟ ବାଟବଣା ହୋଇଯାଉଛି। ନୟାଗଡ଼ ସହରର ପ୍ଲାନିଂ ନାହିଁ। ଟ୍ରାଫିକ୍ ଛକ ଦଶପଲ୍ଲା, ଖଣ୍ଡପଡ଼ା, ଓଡଗାଁ, ଭୁବନେଶ୍ୱର ରାସ୍ତାକୁ ସୌନ୍ଦର୍ଯ୍ୟକରଣ କରାଯାଇ ପାରୁନାହିଁ ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବିଷ୍ଣୁ


@ ଗୋବିନ୍ଦ


@ ମନୋରଞ୍ଜନ


@ ସୁଭଦା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସରିଗଣ୍ଡା ଭାଜପା ମଣ୍ଡଳର ସାଙ୍ଗଠନିକ ବୈଠକ



ବୈଠକରେ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ ଏବଂ ଅନ୍ୟମାନେ।

ଦଶପଲ୍ଲା, ୧୫।୪ (ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକ ଅନ୍ତର୍ଗତ ସରିଗଣ୍ଡା ଭାଜପା ମଣ୍ଡଳର କାର୍ଯ୍ୟକର୍ତ୍ତା ସମ୍ମିଳନୀ ମଙ୍ଗଳବାର କୁଆଁରିଆ ଡ୍ୟାମ ନିକଟ ମା' କୁଆଁରୀଶ୍ୱରୀ ମନ୍ଦିର ନିକଟରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ସଙ୍ଗଠନ ଓ ବୁଥ୍ କମିଟି ଅଞ୍ଚଳର ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ସରିଗଣ୍ଡା ମଣ୍ଡଳ ତେଣ୍ଡାବାଡି, ଶିମିଳିସାହି, ପୋଖରୀ ଗୋଛା, ଭୋଗାଡି, ସରିଗଣ୍ଡା, ତୁମଣ୍ଡି, ଟାକରା ଗ୍ରାପ କାର୍ଯ୍ୟକର୍ତ୍ତାମାନେ ଏଥିରେ ଯୋଗଦାନ କରିଥିଲେ। ଏଥିରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ଦଶପଲ୍ଲା ବ୍ଲକ ସାଂସଦ ପ୍ରତିନିଧି କିଶୋର ଚନ୍ଦ୍ର ଦଳବେହେରା, ଉଦ୍ୟୋଗୀ, ସମିତି ସଭ୍ୟ ବାପୁଜୀ ସାହୁ, ବସନ୍ତ କୁମାର ସାହୁ ଶିମିଳି ସାହି ସରପଞ୍ଚ ସଞ୍ଜୟ କୁମାର ପଟନାୟକ, ପୋଖରୀ ଗୋଛା ସରପଞ୍ଚ ସିମତ କୁମାର ନାୟକ, ପୂର୍ବ ତନ ସମିତି ସଭ୍ୟ ଆଲ୍ଲା ଭାଇ, ଅର୍ଜୁନ ପ୍ରଧାନ, ଗୌରାଙ୍ଗ ଦେହୁରୀ, ମାନସ ରଞ୍ଜନ ନାୟକ, ଛବି ରାଜ ସାହୁ, ସାନୁଜ ସାହୁ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ।

# ଶ୍ରୀରଘୁନାଥ ଜୀଉଙ୍କ ଯୁଦ୍ଧଯାତ୍ରା

## ଓଡ଼ଗାଁ ଶ୍ରୀରାମ ନବମୀ ଯାତ୍ରାର ୯ମ ସନ୍ଧ୍ୟା

ଓଡ଼ଗାଁ, ୧୫।୪ (ଆଦର୍ଶ କୁମାର ପଟ୍ଟନାୟକ )


ଶ୍ରୀରାମ ଓ ଲକ୍ଷ୍ମଣ ରାବଣ ବଧ ଲାଗି ଯୁଦ୍ଧଯାତ୍ରାରେ ବାହାରିଛନ୍ତି।

ନୟାଗଡ଼ ଜିଲା ଓଡ଼ଗାଁରେ ବିଜେ ପ୍ରଭୁ ଶ୍ରୀରଘୁନାଥ ଜୀଉଙ୍କ ପ୍ରସିଦ୍ଧ ଶ୍ରୀରାମ ନବମୀ ଯାତ୍ରାର ମଙ୍ଗଳବାର ନବମ ସନ୍ଧ୍ୟାରେ ପ୍ରଭୁଙ୍କ ଯୁଦ୍ଧଯାତ୍ରା ବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରଭୁ ଶ୍ରୀରାମ ଓ ଅନୁଜ ଲକ୍ଷ୍ମଣ ପରମଭକ୍ତ ବୀର ହନୁମାନ ଓ ଯୁବରାଜ ଅଙ୍ଗଦଙ୍କ ସ୍କନ୍ଧରେ ବସି ମାତା ସୀତାଙ୍କୁ ଉଦ୍ଧାର କରିବାକୁ ଲଙ୍କା ଅଭିଯାନରେ ବାହାରି ଥିବା ଦୃଶ୍ୟ ଅତ୍ୟନ୍ତ ଚିତ୍ତାକର୍ଷକ ଥିଲା। ଅଷ୍ଟ ସେନାଧକ୍ଷ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ବାନର ସେନାଙ୍କୁ ସଙ୍ଗରେ ଧରି ଯୁଦ୍ଧ କ୍ଷେତ୍ରକୁ ବାହାରିଥିଲେ। ପ୍ରଭୁ ଶ୍ରୀରାମ, ଅନୁଜ ଲକ୍ଷ୍ମଣ ଅଷ୍ଟ ସେନାଧକ୍ଷ ଓ ବାନରସେନାଙ୍କ ସହାୟତାରେ ପ୍ରବଳ ପ୍ରତାପୀ ରାବଣଙ୍କ ନିଧନ କରି ମା' ସୀତାଙ୍କୁ ଉଦ୍ଧାର କରିବା ସହ ବିଭୀଷଣଙ୍କୁ ଲଙ୍କାର ରାଜା ଭାବରେ ଅଭିଷିକ୍ତ କରି ବନ୍ଧୁତ୍ୱର ନିଦର୍ଶନ ପ୍ରତିପାଦିତ କରିଥିଲେ। ଆକାଶରେ ଦେବତା ଓ ମୁନି, ଋଷି ଗଣ ଆନନ୍ଦ ଅନୁଭବ କରିବା ସହିତ ଶ୍ରୀରାମଙ୍କ ଧୈର୍ଯ୍ୟର ପ୍ରଶଂସା କରିଥିଲେ। ଅନ୍ୟପକ୍ଷେ ମନ୍ଦିର ପରମ୍ପରା ବ୍ୟତିରେକେ ରାବଣ ପୋଡ଼ି କମିଟି ଆନୁକୂଲ୍ୟରେ ସ୍ଥାନୀୟ ମହୋତ୍ସବ ପଡ଼ିଆରେ ୨୪ତମ ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଥିଲା। ରାବଣ ପ୍ରତିମୂର୍ତ୍ତିରେ ଅଗ୍ନି ସଂଯୋଗ କରାଯାଇ ବହୁସଂଖ୍ୟାରେ ଆତସବାଜି ପ୍ରଦର୍ଶିତ ହୋଇଥିଲା। ପାପ ଉପରେ ପୁଣ୍ୟ, ଅଧର୍ମ ଉପରେ ଧର୍ମ, ଅସତ୍ୟ ଉପରେ ସତ୍ୟର ଏବଂ ଅଜ୍ଞାନ ଉପରେ ଜ୍ଞାନର ବିଜୟ ଉତ୍ସବକୁ ବହୁ ସଂଖ୍ୟାରେ ଦର୍ଶକ ପାଳନ କରୁଥିବା ଦେଖୁଥିବା ମିଳିଥିଲା। ଆମ ଭିତରେ ରହିଥିବା ରାବଣ ପରି ନକାରାତ୍ମକ ମାନସିକତାକୁ ପରିହାର କରିପାରିଲେ ସ୍ୱପ୍ନର ରାମରାଜ୍ୟ ସମ୍ଭବ ହୋଇପାରନ୍ତା। କାହାରି ପାଖରେ ରାବଣ ସ୍ୱଭାବ ତିଷ୍ଠି ପାରନ୍ତା ନାହିଁ। ପୋଲିସ ଓ ପ୍ରଶାସନ ପକ୍ଷରୁ ଯାତ୍ରାରେ କଡା ପ୍ରହରା ଯୋଗୁ ଶାନ୍ତି ଶୃଙ୍ଖଳା ବଜାୟ ରହିଛି। ଓଡ଼ଗାଁ ଆଇଆଇସି ଅଭୟ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟ ଶୃଙ୍ଖଳିତ ଭାବେ ହେଉଛି।

# ବର୍ଦ୍ଧିତ ଭତ୍ତା ପାଇବାରୁ ବୃଦ୍ଧ ବଞ୍ଚିତ

ଖଣ୍ଡପଡ଼ା,୧୫।୪(ଅଜୟ କୁମାର ମହାରଣା)

ରାଜ୍ୟ ସରକାର ଭିନ୍ନକ୍ଷମ ବ୍ୟକ୍ତି ବିଶେଷ ଓ ୮୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ବର୍ଦ୍ଧିତ ହାରରେ ଭତ୍ତା ପ୍ରଦାନ ପାଇଁ ବ୍ୟବସ୍ଥା କରିଛନ୍ତି। ମାତ୍ର ଖଣ୍ଡପଡ଼ା ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଅଣଦେଖା ଯୋଗୁ ଖଣ୍ଡପଡ଼ା ସହର ୯ନଂ. ୱାର୍ଡ ମଣିକର୍ଣ୍ଣିକାସାହିର ବାସିନ୍ଦା କୃଷ୍ଣଚନ୍ଦ୍ର ପାଢୀ(୮୩) ପ୍ରତିମାସରେ ବର୍ଦ୍ଧିତ ହାରରେ ଭତ୍ତା ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏବେ କୃଷ୍ଣଚନ୍ଦ୍ର ଭତ୍ତା ବାବଦରେ ପ୍ରତିମାସରେ ମାତ୍ର ୧ ହଜାର ଟଙ୍କା ପାଉଛନ୍ତି। ବର୍ଦ୍ଧିତ ଭତ୍ତା ପ୍ରଦାନ ନିମନ୍ତେ କୃଷ୍ଣଚନ୍ଦ୍ର ଲିଖିତ ଭାବେ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ବାରମ୍ବାର ଏନ୍‌ଏସି କାର୍ଯ୍ୟାଳୟକୁ ଦୌଡୁଥିଲେ ହେଁ କେହି ହେଲେ ତାଙ୍କ ଅଭିଯୋଗ ପ୍ରତି ଗୁରୁତ୍ୱ ଦେଉ ନ ଥିବା ଦୁଃଖର ସହ ସେ ପ୍ରକାଶ କରିଛନ୍ତି। ବର୍ଦ୍ଧିତ ହାରରେ ଭତ୍ତା ଟଙ୍କା ପାଇବାରୁ ବଞ୍ଚିତ କୃଷ୍ଣଚନ୍ଦ୍ରଙ୍କ ପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

# ହାତୀ ଖଣ୍ଡପଡ଼ା ଜଙ୍ଗଲ ଛାଡିବା ପରେ ଅଞ୍ଚଳବାସୀ ଆଶ୍ୱସ୍ତ

ଖଣ୍ଡପଡ଼ା,୧୫।୪(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସଂରକ୍ଷିତ ଜଙ୍ଗଲ ମଧ୍ୟକୁ ଚାଲି ଆସିଥିବା ୩ଟି ହାତୀ ଏବେ ଅଞ୍ଚଳ ଛାଡି ପୂର୍ବ ସ୍ଥାନକୁ ପଳାଇ ଯାଇଛନ୍ତି। ହାତୀ ଖଣ୍ଡପଡ଼ା ଅଞ୍ଚଳରୁ ବିଦା ହେବା ପରେ ଅଞ୍ଚଳବାସୀ ଆଶ୍ୱସ୍ତି ପ୍ରକାଶ କରିଛନ୍ତି। ପ୍ରକାଶ ଥାଉକି ଗତ ୪ ଦିନ ଧରି ଖଣ୍ଡପଡ଼ା ବନାଞ୍ଚଳ ଅଧୀନ ସାପୁଆ ସଂରକ୍ଷିତ ଜଙ୍ଗଲରେ ହାତୀ ଚଳପ୍ରଚଳ କରୁଥିବା ନେଇ ବନ ବିଭାଗର ନଜରକୁ ଆସିଥିଲା। ପରେ ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଉଦିତ କୁମାର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ କର୍ମଚାରୀମାନେ ହାତୀଙ୍କର ଗତିବିଧି ଉପରେ ନଜର ରଖିଥିଲେ। ପରବର୍ତ୍ତୀ ସମୟରେ ବନ ବିଭାଗ କର୍ମଚାରୀମାନେ ହାତୀମାନଙ୍କୁ ଅନ୍ୟତ୍ର ଘଉଡାଇ ଦେବାରେ ସକ୍ଷମ ହୋଇଥିବା ଜଣାପଡିଛି।

# ମୁନୁଲାଇଟ୍ ଚାମ୍ପିୟନ

## ଦର୍ପନାରାୟଣପୁର ପ୍ରିମିୟର ଲିଗ୍

ନୟାଗଡ଼,୧୫।୪(ଲୋକନାଥ ମିଶ୍ର)

ଦର୍ପନାରାୟଣପୁର ଆଞ୍ଚଳିକ କ୍ରିକେଟ ଆସୋସିଏଶନ ପକ୍ଷରୁ ରଣପୁର ବ୍ଲକ ଦର୍ପନାରାୟରପୁର ଜନତା ହାଇସ୍କୁଲ ଖେଳପଡ଼ିଆରେ ୧୫ଦିନ ଧରି ଚାଲୁ ରହିଥିବା ସିଜିନ ଟୁ ପ୍ରିମିୟର ଲିଗ୍ ମ୍ୟାଚ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁନୁଲାଇଟ୍ ୧୦୪ ରନରେ ଡାଇନମିକକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଟସ୍ ଜିତି ମୁନୁଲାଇଟ୍ ୧୩ ଓଭରରେ ୬ ଇକେଟ ହରାଇ ୧୭୫ ରନ କରିଥିଲା। ବିଜୟୀ ଦଳର ବିଭୂତି ଭୂଷଣ ସ୍ୱାଇଁ ୪୨ ବଲ ମଧ୍ୟରୁ ୧୨ଟି ଛକା, ୭ଟି ଚୌକା ମାରି ମୋଟରେ ୧୧୮ ରନ କରି ଦଳକୁ ବିଜୟୀ କରାଇଥିଲେ। ବିଭୂତି ଭୂଷଣ ସ୍ୱାଇଁଙ୍କୁ ବେଷ୍ଟ ବ୍ୟାଟସ୍ ମ୍ୟାନ ଭାବେ ପୁରସ୍କୃତ କରାଯାଇଛି। ଜବାବରେ ଡାଇନମିକ ଦଳ ୧୨.୪ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୭୧ ରନ କରି ପରାସ୍ତ ହୋଇଥିଲେ। ଖେଳ ପରିଚାଳନା ବିଶ୍ୱଜିତ ସ୍ୱାଇଁ ଓ ରଞ୍ଜନ କୁମାର ପରିଡା କରିଥିବାବେଳେ ସହଯୋଗ କରିଥିଲେ ବିଜୟ ପ୍ରଧାନ, ନିଲୁ ମୁଦୁଲି। ଧାରା ବିବରଣୀ ଚନ୍ଦନ ରାଉତରାୟ କରିଥିଲେ। ସାମାଜିକ କର୍ମୀ ତ୍ରିନାଥ ବିଶ୍ୱାଳ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ।


ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳୀ।

# ନଦୀରେ ବୁଡ଼ି ୫ବର୍ଷର ଝିଅ ମୃତ୍ୟୁ

ଦଶପଲ୍ଲା,୧୫।୪ (ପ୍ରକାଶ କୁମାର ପାଣି)

ଦଶପଲ୍ଲା ଥାନା ଅନ୍ତର୍ଗତ ଡିହଗାଁ ପଞ୍ଚାୟତର ଦିଣ୍ଡାଭୂଇଁ ଗ୍ରାମରେ ଗୋଟିଏ ଦୁଃଖଦ ଘଟଣା ଘଟିଯାଇଛି। ସେହି ଗ୍ରାମର ସନ୍ତୋଷ ପ୍ରଧାନଙ୍କ ୫ବର୍ଷର ଝିଅ ସଙ୍ଗୀତା ଧରି ପାଖରେ ଥିବା କୁଆଁରିଆ ନଦୀକୁ ଯାଇଥିଲେ। ଝିଅକୁ ନଦୀ ଗଣ୍ଡ ପାଖରେ ବସାଇ ଶୌଚ ହେବା ପାଇଁ ଯାଇଥିବାବେଳେ ସେଠାରୁ ଆସି ଦେଖିଲା ବେଳକୁ ଝିଅ ସେଠାରେ ନାହିଁ। ବହୁ ସମୟ ଡ଼ାକିଥିଲେ ମଧ ଝିଅଟିକୁ ପାଇଁ ନ ଥିଲେ। ଗ୍ରାମର ଲୋକ ସେଠାରେ ପହଞ୍ଚି ନଦୀର ଗଣ୍ଡ ଖୋଜିବାରେ ଭିତରୁ ପିଲାକୁ ଉଦ୍ଧାର କରି ଦଶପଲ୍ଲା ଡାକ୍ତଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କ ମୃତ ଘୋଷଣା କରିଥିଲେ। ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଥିଲେ। ଏହି ଦୁଃଖଦ ଘଟଣା ଶୁଣି ଗ୍ରାମବାସୀଙ୍କ ମଧ୍ୟରେ ଶୋକରେ ଛାୟା ଖେଳିଯାଇଛି।

# ବୀରାୟୁଧ ବଧ, ବେଢ଼ା ପରିକ୍ରମା



ଲଙ୍କାପୋଡ଼ି ଯାତ୍ରାର ଅନୁଷ୍ଠିତ ନାଟକର ଦୃଶ୍ୟ।

## ଲଙ୍କାପୋଡ଼ି ଯାତ୍ରାର ୧୦ମ ଦିବସ

ଦଶପଲ୍ଲା, ୧୫।୪(ପ୍ରକାଶ କୁମାର ପାଣି)

ମହାବୀର କ୍ଷେତ୍ର ଦଶପଲ୍ଲାରେ ଚାଲିଥିବା ଭାରତ ପ୍ରସିଦ୍ଧ, ସର୍ବ ପୁରାତନ ମୁକ୍ତାକାଶ ରଙ୍ଗମଙ୍ଗ ଐତିହାସିକ ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରାର ୧୦ମ ଦିବସ ପୂର୍ବାହ୍ନରେ ପ୍ରଭୁ ଶ୍ରୀ ଶ୍ରୀରଘୁନାଥଙ୍କ ମନ୍ଦିରରେ, ଅରଣ୍ୟ କାଣ୍ଡର ଅୟମାରମ୍ଭ ସହ ପଞ୍ଚବଟି ଅବସ୍ଥାନ, ବୀରାୟୁଧ ବଧ, ବନ ଭ୍ରମଣ ଓ ବେଢା ପରିକ୍ରମା ନୀତି ପାରମ୍ପାରିକ ରୀତିନୀତି ଅନୁଯାୟୀ, ସ୍ୱତ୍ରୀୟ ବୈଦିକ ବ୍ରାହ୍ମଣ ଓ ସେବାୟତ ମାନଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା। ରାତ୍ରରେ ମନ୍ଦିର ସମ୍ମୁଖସ୍ଥ ମୁଖ୍ୟ ମଞ୍ଚରେ ନିଷ୍ଠା, କାଷ୍ଠାରେ ରହିଥିବା ବ୍ରତଧାରୀ କଳାକାରମାନଙ୍କ ଦ୍ୱାରା ରାମଲୀଳା ପରିବେଷଣ କରାଯାଇଥିଲା। ପଞ୍ଚବଟି ପ୍ରବେଶ, ବନ ଭ୍ରମଣ, ଆଶ୍ରମରେ ପ୍ରଭୁ ରାମଚନ୍ଦ୍ର ଅଗସ୍ତିମୁନିଙ୍କୁ ଦର୍ଶନ କରିବା ସହ ଅଗସ୍ତିମୁନି ପ୍ରଭୁ ଶ୍ରୀରାମଙ୍କୁ ବ୍ରହ୍ମାସ୍ତ୍ର ଓ ଅକ୍ଷୟ ତୁଣୀର ପ୍ରଦାନ କରନ୍ତି। ମୁନି ପତ୍ନୀ ଅନୁସୂୟା ମାତା ସୀତାଙ୍କୁ ଅମ୍ଳାନ ବସ୍ତ୍ର ପ୍ରଦାନ କରନ୍ତି। ପରେ ପଞ୍ଚବଟିରେ ବୀରାୟୁଧ ବଧ ନିଳାଭିନୟ ନୀତି ଓ ପରମ୍ପରା ସହ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ଅନ୍ୟତମ ବିଶିଷ୍ଟ ଭକ୍ତକବି ବିକ୍ରମ ନରେନ୍ଦ୍ରଙ୍କ ବିରଚିତ ରାମଲୀଳା ପୋଥି ଗୀତ ସାଙ୍ଗକୁ କେଇହଳ ଗିନି ଓ ପାରମ୍ପାରିକ ବାଦ୍ୟଯନ୍ତ୍ର ସାହାଯ୍ୟରେ ଏହି ଅଢେଇପାଦିଆ ନିଳାଭିନୟ ଅନୁଷ୍ଠିତ ହୋଇଥାଏ। ଯାହାକି ଓଡ଼ିଶାର ଅନ୍ୟ କୌଣସି ସ୍ଥାନରେ ଦେଖିବାକୁ ମିଳେନାହିଁ। ଆଜିର ନୀଳାଭିନୟ ଅତ୍ୟନ୍ତ ହୃଦୟସ୍ପର୍ଶୀ ଓ ମନମୁଗ୍ଧକର ହୋଇଥିଲା। ରାତ୍ରୀ ପର୍ଯ୍ୟନ୍ତ ବହୁ ଲୋକଙ୍କ ସମାଗମ ହୋଇ ଏହି ଦୃଶ୍ୟ ଉପଭୋଗ କରିଥିଲେ।

